ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us:

ବର୍ଷ-୬ | ସଂଖ୍ୟା-୩୨ | ଗୁରୁବାର | ୨୪ ଏପ୍ରିଲ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-32 | Thursday | 24 April 2025 | Bhubaneswar | Pages-8 | Rs. 2.00

DSPL-39



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଜାତୀୟ ପଞ୍ଚାୟତିରାଜ ଦିବସ - ୨୦୨୫

ମୁଖ୍ୟମନ୍ତ୍ରୀ
**ଶ୍ରୀ ମୋହନ ଚରଣ ମାଝୀଙ୍କ**
ସଦୟ ଉପସ୍ଥିତିରେ
**ରାଜ୍ୟସ୍ତରୀୟ ସମାରୋହ**

୨୪ ଏପ୍ରିଲ୍ ୨୦୨୫ | ତାଳବଣିଆ, ପୁରୀ

### ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ

ପଞ୍ଚାୟତ ସମିତିର ସାଧାରଣ ବୈଠକକୁ ଅନଲାଇନ୍ ମାଧ୍ୟମରେ ପରିଚାଳନା କରିବା ନିମନ୍ତେ
**ଇ-ପଞ୍ଚାୟତ ସଭା (ପଞ୍ଚାୟତ ସମିତି) ପୋର୍ଟାଲର ଉନ୍ମୋଚନ**

ରାଜ୍ୟର ଅନୁମୋଦିତ ବିଭିନ୍ନ ପ୍ରକଳ୍ପ ପାଇଁ ରେକର୍ଡ ପ୍ରସ୍ତୁତି, ବୈଷୟିକ ମଞ୍ଜୁରୀ, ପ୍ରଶାସନିକ ଅନୁମୋଦନ ଭଳି ପ୍ରକ୍ରିୟା ଗୁଡ଼ିକୁ ସୁଗମ ରୂପେ ପରିଚାଳନା କରିବା ନିମନ୍ତେ
**ପି.ପି.ଏମ୍.ଏସ୍ ପୋର୍ଟାଲର ଉନ୍ମୋଚନ**

ଗ୍ରାମ ପଞ୍ଚାୟତ ଭିତ୍ତିଭୂମିର ଦୃଶ୍ୟକରଣ ଏବଂ ନିର୍ବାଚିତ ପ୍ରତିନିଧିଙ୍କ ତଥ୍ୟକୁ ପ୍ରାପ୍ତ କରିବା ପାଇଁ
**ପଞ୍ଚାୟତ ମନିଟରିଂ ସିଷ୍ଟମର ଶୁଭାରମ୍ଭ**
(ପୋର୍ଟାଲ ଓ ମୋବାଇଲ ଆପ୍)

ପଞ୍ଚମ ରାଜ୍ୟ ଅର୍ଥ ଆୟୋଗ ଅନୁଦାନରେ ୬୧୩ ଗୋଟି ଗ୍ରାମ ପଞ୍ଚାୟତକୁ କାର୍ଯ୍ୟଦକ୍ଷତାରେ ଶ୍ରେଷ୍ଠତା ପ୍ରତିପାଦନ, ନିଜସ୍ୱ ଆୟ ବୃଦ୍ଧି ତଥା ପଞ୍ଚାୟତର ସର୍ବାଙ୍ଗୀନ ବିକାଶରେ ନିରନ୍ତର ପ୍ରୟାସ ନିମନ୍ତେ
**୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ**

**୬ ଲକ୍ଷ** ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ
**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

**ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା**ରେ ୩ କିଲୋୱାଟ ପର୍ଯ୍ୟନ୍ତ ସୋଲାର ପ୍ୟାନେଲ ପାଇଁ **୧,୩୮,୦୦୦ ଟଙ୍କା** ପର୍ଯ୍ୟନ୍ତ ସବସିଡି ପ୍ରଦାନ
**ଶକ୍ତି ବିଭାଗ, ଓଡ଼ିଶା ସରକାର**

**୪,୧୨୪ କୋଟି ଟଙ୍କା** ମୂଲ୍ୟର **୩୧୪** ଟି ବ୍ଲକସ୍ତରୀୟ ଷ୍ଟାଡିୟମ୍ ଭିତ୍ତିପ୍ରସ୍ତର ସ୍ଥାପନ
**କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ସରକାର**

**୨ ଲକ୍ଷରୁ ଉର୍ଦ୍ଧ୍ୱ ନୂତନ ସୁଭଦ୍ରା ହିତାଧିକାରୀଙ୍କୁ ୨୦୦ କୋଟି** ଟଙ୍କାରୁ ଉର୍ଦ୍ଧ୍ୱ ସହାୟତା ରାଶି ପ୍ରଦାନ
**ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର**

**ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର**

OIPR-19001/13/0016/2526

# ଆଇଏମ୍ଏଫ୍ ଆର୍ଥିକ ବର୍ଷ ୨୦୨୬ ପାଇଁ ଭାରତର ଅଭିବୃଦ୍ଧି ପୂର୍ବାନୁମାନକୁ ହ୍ରାସ କଲା



**ନୂଆଦିଲ୍ଲୀ,(ଡିକେ ନ୍ୟୁଜ୍):** ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଆର୍ଥିକ ବର୍ଷ ୨୦୨୬ ପାଇଁ ଭାରତର ଅର୍ଥନୈତିକ ଅଭିବୃଦ୍ଧି ପୂର୍ବାନୁମାନକୁ ୬.୨%କୁ ହ୍ରାସ କରିଛି। ଏହା ପୂର୍ବବର୍ଷ ଅପେକ୍ଷା ଅଭିବୃଦ୍ଧି ହାରରେ ହ୍ରାସ ପାଇବାର ସଙ୍କେତ ଦେଉଛି, ଯାହା ବିଶ୍ୱବ୍ୟାପୀ ଅର୍ଥନୈତିକ ଅନିଶ୍ଚିତତା ଓ ଆଭ୍ୟନ୍ତରୀଣ ଚାପ ଯୋଗୁଁ ହୋଇପାରେ। ଆଇଏମ୍ଏଫ୍‌ର ସାମ୍ପ୍ରତିକ ରିପୋର୍ଟ ଅନୁସାରେ, ବିଶ୍ୱ ଅର୍ଥନୀତିରେ ମନ୍ଥରତା, ମୁଦ୍ରାସ୍ଫୀତି ଚାପ, ଏବଂ ଭାରତରେ ଖାଉଟି ଚାହିଦା ଏବଂ ନିବେଶ କ୍ଷେତ୍ରରେ କିଛି ମାତ୍ରାରେ ଶିଥିଳତା ଏହି ପୂର୍ବାନୁମାନ ହ୍ରାସର କାରଣ ହୋଇପାରେ। ତେବେ, ଭାରତ ଏବେ ମଧ୍ୟ ବିଶ୍ୱର ଅନ୍ୟତମ ଦ୍ରୁତ ବୃଦ୍ଧିଶୀଳ ଅର୍ଥନୀତି ମଧ୍ୟରେ ରହିଛି। ଏହି ହ୍ରାସ ସତ୍ତ୍ୱେ, ଆଇଏମ୍ଏଫ୍ ଭାରତ ସରକାରଙ୍କ ନିବେଶ, ଡିଜିଟାଲ ଅର୍ଥନୀତିର ଅଗ୍ରଗତି, ଏବଂ ସଂସ୍କାର ପଦକ୍ଷେପଗୁଡ଼ିକୁ ସକାରାତ୍ମକ ପ୍ରଭାବ ପକାଇଛି। ଏହା ମଧ୍ୟ ପରାମର୍ଶ ଦେଇଛି ଯେ ଅର୍ଥନୈତିକ ସ୍ଥିରତା ବଜାୟ ରଖିବା ପାଇଁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଏବଂ ଅଧିକ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଅର୍ଥନୈତିକ ବିଶେଷଜ୍ଞମାନେ କହୁଛନ୍ତି ଯେ ଏହି ପୂର୍ବାନୁମାନ ହ୍ରାସ ସତ୍ତ୍ୱେ ଭାରତରେ ଅର୍ଥନୈତିକ ପୁନରୁଦ୍ଧାରର ସମ୍ଭାବନା ରହିଛି। ଯଦି ସରକାର ରପ୍ତାନୀ ବୃଦ୍ଧି ଏବଂ ଅଭ୍ୟନ୍ତରୀଣ ଉତ୍ପାଦନ କ୍ଷେତ୍ରକୁ ଶକ୍ତିଶାଳୀ କରିବା ପାଇଁ ପଦକ୍ଷେପ ନିଅନ୍ତି। ଏହି ରିପୋର୍ଟ ଅର୍ଥନୀତି ନୀତି ନିର୍ମାତାଙ୍କୁ ଆଗାମୀ ବଜେଟ ଏବଂ ନୀତି ପ୍ରଣୟନରେ ଅଧିକ ରଣନୀତିକ ହେବାକୁ ପ୍ରେରଣା ଦେଇପାରେ, ଯାହା ଦୀର୍ଘମିଆଦୀ ଅଭିବୃଦ୍ଧି ନିଶ୍ଚିତ କରିବ।

# ଜିନ୍ଦଲ ଷ୍ଟେନଲେସ ଓ ଏବି ଏନର୍ଜି ଓଡ଼ିଶାର ସର୍ବବୃହତ କ୍ୟାପଟିଭ୍ ଶିଳ୍ପ ସୌର ପ୍ଲାଣ୍ଟ ସହିତ ନୂଆ ମାନଦଣ୍ଡ ସ୍ଥାପନ

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଭାରତର ସର୍ବବୃହତ ଷ୍ଟେନଲେସ ଷ୍ଟିଲ ନିର୍ମାତା ଜିନ୍ଦଲ ଷ୍ଟେନଲେସ ଓ ଭାରତର ଅଗ୍ରଣୀ ସ୍ୱଚ୍ଛ ଶକ୍ତି ସମାଧାନ ପ୍ରଦାନକାରୀ ଏବି ଏନର୍ଜି ସଲ୍ୟୁସନସ ପ୍ରାଇଭେଟ ଲମିଟେଡ ଓଡ଼ିଶାର ଯାଜପୁରଠାରେ ଜିନ୍ଦଲ ଷ୍ଟେନଲେସ ଉତ୍ପାଦନର ଅଂଶ ହୋଇ ସୌର ପ୍ରକଳ୍ପ ସ୍ଥାପନ ଓ ଏହାର ସଫଳ କାର୍ଯ୍ୟାନ୍ୱୟନ ଘୋଷଣା କରିଛି। ଏହି ଭୂମି ପୂଜନ ପଦକ୍ଷେପର କ୍ରମାଗତ କ୍ଷମତା ୩୦ଏମପିଡବଲ୍ୟୁପିରୁ ଅଧିକ ଯାହା ଓଡ଼ିଶାର ଶିଳ୍ପ କ୍ୟାମ୍ପସ ମଧ୍ୟରେ ସର୍ବବୃହତ ଅଟେ। ଏବି ଏନର୍ଜି ସହିତ ସହଭାଗୀ ହୋଇ ଜିନ୍ଦଲ ଷ୍ଟେନଲେସ ଦ୍ୱାରା ଏହାର ଯାଜପୁରସ୍ଥିତ ୟୁନିଟରେ ସ୍ଥାପିତ ସୌରଶକ୍ତି ପ୍ଲାଣ୍ଟରେ ଏକ ୭.୩୨୪ ଏମଡବଲ୍ୟୁପି ସୌର ପ୍ଲାଣ୍ଟ ଓ ୨୩.୦୨ ଏମଡବଲ୍ୟୁପି ଛାତ ଉପରେ ସୌର ପ୍ରଣାଳୀ ଅନ୍ତର୍ଭୁକ୍ତ। ଏହି ଅତ୍ୟାଧୁନିକ ପ୍ଲାଣ୍ଟରେ ବାର୍ଷିକ ପ୍ରାୟ ୪୪.୩ ନିୟୁତ ସବୁଜ ଶକ୍ତି ଉତ୍ପାଦିତ ହେବ, ଯାହା ପାରମ୍ପାରିକ ଗ୍ରୀଡ ବିଦ୍ୟୁତ ଶକ୍ତି ଦ୍ୱାରା ପରିଚାଳିତ ହେଉଥିଲା। ଏହା ୧୨,୦୦୦-୧୫,୦୦୦ ପରିବାରକୁ ବିଦ୍ୟୁତ ପ୍ରଦାନ କରିବ ଓ ବାର୍ଷିକ



୩୨,୨୦୮ ମେଟ୍ରିକ ଟନ ସିଓ୨ ନିର୍ଗମନ ହ୍ରାସ କରିବା ସହ ସମାନ ହେବ। ପ୍ରମୁଖ ବିଷୟ: ଓଡ଼ିଶାର ବୃହତ କ୍ୟାପଟିଭ ସୋଲାର ପ୍ଲାଣ୍ଟ: ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ ଏବେ ଓଡ଼ିଶାର ସର୍ବବୃହତ ଉତ୍ପାଦନ ପ୍ଲାଣ୍ଟ ହେବାକୁ ଯାଉଛି। ଅଭିନବ ସ୍ଥାପନ: ଭାସମାନ ସୌର ପ୍ଲାଣ୍ଟଟି ଏକ ଆଭ୍ୟନ୍ତରୀଣ ଜଳଭଣ୍ଡାରରେ ସ୍ଥାପିତ ହୋଇଛି ଅନ୍ୟପକ୍ଷରେ ଛାତ ଉପରେ ସୌର ପ୍ରଣାଳୀ ୨୨ରୁ ୩୨ ମିଟର ଉଚ୍ଚତାରେ ୧୦ଟି ଶିଳ୍ପକୁ ଛାତ ଉପରେ ସ୍ଥାପନ କରାଯାଇଛି। ଅଭିନବ ପରିବେଶ ପ୍ରଭାବ: ଜିନ୍ଦଲ ଷ୍ଟେନଲେସର ଯାଜପୁର ୟୁନିଟ ଏବେ ବାର୍ଷିକ ୩୨,୨୦୮ ମେଟ୍ରିକ ଟନ୍ ସିଓ ୨ ନିର୍ଗମନ ହ୍ରାସ କରିବ, ଯାହା ପ୍ରତିବର୍ଷ ୧୨୮୮ଟି ଗଛ ଲଗାଇବା ସହ ସମାନ। ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି ଯେ : ଜିନ୍ଦଲ ଷ୍ଟେନଲେସରେ ଆମେ ରଣନୀତିକ ସହଭାଗିତା ଜରୀଆରେ ଆମର ନେଟ ଜିରୋ କାର୍ବନ ଲକ୍ଷ୍ୟ ହାସଲ ଓ ସ୍ଥାୟୀ ଭିତିଭୂମି ନିବଶେ କରିବା ଦିଗରେ ଆଗକୁ ବଢୁଛୁ। ଆମର ଯାଜପୁରର ଏହି ପ୍ଲାଣ୍ଟ ସର୍ବବୃହତ କ୍ୟାପଟିଭ ସୌର ପ୍ଲାଣ୍ଟ ଭାବରେ କାର୍ଯ୍ୟକ୍ଷମ ହେବ। ଏହି ଯାତ୍ରାରେ ଆମେ ନବସୃଜନ ସହ ନବୀକରଣୀୟ ଶକ୍ତି ଉତ୍ସକୁ ସମନ୍ୱିତ କରି ଏକ ବିଶ୍ୱସ୍ତରୀୟ ସ୍ଥାୟିତ୍ୱ ମାନଦଣ୍ଡ ପ୍ରତିଷ୍ଠା ପ୍ରତି ଉତରଦାୟୀ ରହି ଭାରତରେ ଷ୍ଟେନଲେସ ଷ୍ଟିଲ ଉତ୍ପାଦନର ଭବିଷ୍ୟତକୁ ପୁନଃଭାଷିତ କରୁଛୁ। ଆମେ ଏହି ଐତିହାସିକ ପଦକ୍ଷେପ ଜରିଆରେ ଶକ୍ତି ସମାଧାନ ଉଦ୍ଦେଶ୍ୟରେ ଆଗକୁ ପାଦେ ବଢୁଥିବା ହେତୁ ଆନନ୍ଦିତ। ଜିନ୍ଦଲ ଷ୍ଟେନଲେସ ସହିତ ଆମର ଏହି ସହଯୋଗ ପ୍ଲ କାର୍ଯ୍ୟକୁ ପରିବର୍ତ୍ତନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ଏବି ଏନର୍ଜିର ସିଇଓ ସିଦ୍ଧାର୍ଥ ଭାଟିଆ କହିଛନ୍ତି। ଏହି ମାଇଲ ଖୁଣ୍ଟ ଏକ ସବୁଜ ଭବିଷ୍ୟତ ଆଡକୁ ଏକ ଗରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସୂଚାଏ ଓ ସ୍ଥାୟୀ ଅଭିବୃଦ୍ଧି ପାଇଁ ଜିନ୍ଦଲ ପ୍ରତିବଦ୍ଧତାକୁ ପୁନଃଭାଷିତ କରେ। କମ୍ପାନୀ ବିଭିନ୍ନ ସ୍ଥାୟୀ ପଦକ୍ଷେପ ଲାଗି ୨୦୫୦ ସୁଦ୍ଧା ଏହାର ନେଟ ଜିରୋ ଲକ୍ଷ୍ୟ ହାସଲ କରିବାକୁ ଯୋଜନା କରୁଛି। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଡିକାର୍ବନାଇଜେସନ ପ୍ରକଳ୍ପରେ ୭୦୦ କୋଟି ନିବେଶ କରିବାକୁ ଲକ୍ଷ୍ୟ ରଖିଛି।

# ମେସର୍ସ ରୁଣ୍ଟା ମାଇନ୍ସ ଲିମିଟେଡ୍ ଖଣିର ପରିବେଶ ସମ୍ବନ୍ଧିତ ଜନଶୁଣାଣି




**କୋଇଡ଼ା,(ଡିକେ ନ୍ୟୁଜ୍):** ସୁନ୍ଦରଗଡ଼ ଜିଲ୍ଲା କୋଇଡା ଓ୍ ଲହୁଣୀପଡ଼ା ତହସିଲ ଅନ୍ତର୍ଗତ କେନସରା ଓ୍ ଜଳଡିହି ଗ୍ରାମରେ ଅବସ୍ଥିତ ୧୦୦. ୪୩୯ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ କେଡେସାଲା ନର୍ଥ ଇଷ୍ଟ ଲୌହ ଖଣିଜ ବ୍ଲକରୁ ବାର୍ଷିକ ୧. ୨୧ ଏମଟିପିଏ ଆରଓ୍ଏମ ଲୌହ ଖଣିଜ ଉତ୍ତୋଳନ ନିମନ୍ତେ ଆବଶ୍ୟକ ପଡୁଥିବା ପରିବେଶ ସମ୍ବନ୍ଧୀୟ ଜନଶୁଣାଣୀ କେନସରା ଗ୍ରାମର ଫୁଟବଲ ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣିରେ ୫୦ ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ଲିଖିତ ଓ ମୌଖିକ ଆକାରରେ ମେସର୍ସ ରୁଣ୍ଟା ମାଇନ୍ସ ଲିମିଟେଡ୍ ସପକ୍ଷରେ ମତବ୍ୟକ୍ତ କରିବା ସହିତ କିଛି ଦାବି ମଧ୍ୟ ଉପସ୍ଥାପନା କରିଥିଲେ। ଏହି ଦାବି ଗୁଡିକ ହେଲା ଖଣି କାର୍ଯ୍ୟକ୍ଷମ ହେଲେ ଗଛ କଟା ହେବା ସହିତ ଶବ୍ଦ, ବାୟୁ ଓ ଜଳ ପ୍ରଦୂଷଣ ଭଳି ବହୁ ସମସ୍ୟାର ଅଞ୍ଚଳବାସୀ ସମ୍ମୁଖୀନ ହେବେ। ଏହାର ପ୍ରତିବଦଳରେ ଅଞ୍ଚଳବାସୀଙ୍କ ପାଇଁ ଉନ୍ନୟନମୂଳକ କାର୍ଯ୍ୟ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ସ୍ଥାନୀୟବାସୀଙ୍କୁ ଯୋଗ୍ୟତା ଅନୁଯାୟୀ ଖଣିରେ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି, ଗମନାଗମନ ପାଇଁ ରାସ୍ତାର ମରାମତି ଓ ଉନ୍ନତିକରଣ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥାପନା, ଆମ୍ବୁଲାନ୍ସ ସେବା ପ୍ରଦାନ, ସ୍କୁଲ ଗୁଡିକରେ ପିଡିସି ଶିକ୍ଷକ ନିଯୁକ୍ତି, ପାନୀୟ ଜଳ ଯୋଗାଣ ଓ ବୃକ୍ଷ ରୋପଣ କରିବା ପାଇଁ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପନା କରିଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓଡିଶା ଓ୍ ଜିଲ୍ଲା ପ୍ରଶାସନ ସୁନ୍ଦରଗଡ଼ ପକ୍ଷରୁ ଆୟୋଜିତ ଏହି ଜନ ଶୁଣାଣରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାଉରକେଲା ଆଞ୍ଚଳିକ ଅଧିକାରୀ ବିଜୟ କୁମାର ଭୋଇ ସୁନ୍ଦରଗଡ଼ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ଡେପୁଟି ଏନଭାରମେଣ୍ଟାଲ ଇଞ୍ଜିନିୟର ଚନ୍ଦ୍ର ଶେଖର ଚୌହାନ କୋଇଡା ତହସିଲଦାର ନିର୍ମଳ କୁମାର ବିଶ୍ୱାଳ, ବଣାଇ ଉପଜିଲ୍ଲାପାଳ ଅକ୍ଷୟ ପିଲ୍ଲେ ବଣାଇ ଉପଖଣ୍ଡ ପୋଲିସ ଅଧିକାରୀ ରାମ ଚନ୍ଦ୍ର ବିଶ୍ୱାଳ କୋଇଡ଼ା ଖ ଜିଲ୍ଲା ପରିଷଦ ଅଶୋକ ନାଏକ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ଜନାର୍ଦ୍ଦନ ଦେହୁରୀ, ଆନନ୍ଦ ବାରିକ ପ୍ରମୁଖ ଯୋଗ ଦେଇ ନିଜ ମତାମତ ପ୍ରଦାନ କରିବା ସହିତ ମେସର୍ସ ରୁଣ୍ଟା ମାଇନ୍ସ ଲିମିଟେଡ୍ ଖଣିର ଏହି ଜନଶୁଣାଣିକୁ ପୂର୍ଣ୍ଣ ସମର୍ଥନ କରିଥିଲେ ଓ ରୁଣ୍ଟା ମାଇନ୍ସ ଲିମିଟେଡ୍ ପକ୍ଷରୁ ରାମୁ ଅଗ୍ରୱାଲ ଓ ଅଭିଷେକ ସିଂଙ୍କ ସମେତ ସମସ୍ତ ଖଣି ଅଧିକାରୀ ଏହି ଜନଶୁଣାଣୀକୁ ସଫଳ କରାଇବାରେ ପ୍ରମୁଖ ଯୋଗଦାନ କରିଥିଲେ। ଆଇନ ଶୃଙ୍ଖଳା ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି କୋଇଡ଼ା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର ଓ ଜ୍ୟୋତି ରଞ୍ଜନ ପତିଙ୍କ ତତ୍ତ୍ୱାବଧାନରେ ଏକ ପ୍ଲାଟୁନ ଫୋର୍ସ ମୁତୟନ ଥିଲେ।

# ୩୦ରୁ 'ୱିମେନ୍ସ ବିଜନେସ୍ ମେଳା ୨.୦': ୨୦୦ରୁ ଅଧିକ ମହିଳାଙ୍କ ଷ୍ଟଲ୍

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ଚଳିତ ମାସ ୩୦ରୁ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ୱିମେନ୍ସ ବିଜିନେସ୍ ମେଳା ୨.୦ ଆରମ୍ଭ ହେବ। ଇଣ୍ଡିଆନ୍ ଚମ୍ବର ଅଫ୍ କମର୍ସ ନ୍ୟାସନାଲ୍ ୱିମେନ୍ସ ଏଣ୍ଟ୍ରପ୍ରିନ୍ୟୁରସିପ୍ କାଉନ୍ସିଲ୍ (ଆଇଏନଡବ୍ଲ୍ୟୁଇସି) ପକ୍ଷରୁ ଆୟୋଜନ କରାଯାଉଥିବା ଏହି ମେଳା ପାଞ୍ଚ ଦିନ ଧରି ମେ' ୪ ପର୍ଯ୍ୟନ୍ତ ଚାଲିବ। ଏଥିରେ ୨୩୦ରୁ ଅଧିକ ଷ୍ଟଲ୍ ସ୍ଥାପନ କରାଯିବ। ଜନଜାତି ଉଦ୍ୟୋଗୀ, ଏସ୍ଏଚ୍‌ଜି ଗ୍ରୁପ୍ ଏବଂ ଶିଶୁ ଉଦ୍ୟୋଗୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଷ୍ଟଲ୍ ଦିଆଯିବ। ଜିଲ୍ଲା, ରାଜ୍ୟ ଓ ଜାତୀୟସ୍ତରରୁ ଏଥିରେ ମହିଳା ଉଦ୍ୟୋଗୀମାନେ ଭାଗ ନେବେ। ୨୦୨୨ରେ ଏହି ମେଳାର ପ୍ରଥମ ସଂସ୍କରଣ ଆୟୋଜନ କରାଯାଇଥିଲା। ଆଇଏନଡ଼ବ୍ଲ୍ୟୁଇସି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି




ଯେ ମେଳାର ଦ୍ୱିତୀୟ ସଂସ୍କରଣ ମହିଳା ଉଦ୍ୟୋଗୀମାନଙ୍କ ବର୍ଦ୍ଧିତ ଗୁରୁତ୍ୱକୁ ଉପସ୍ଥାପିତ କରିବ। ଏହା ଏକ ସମ୍ପୂର୍ଣ୍ଣ ଭିନ୍ନ ଅନୁଭୂତି ପ୍ରଦାନ କରିବ। ସୁସ୍ମିତା ସେନ୍, ଜାୟେଦ୍ ଖାନ୍, ପ୍ରକୃତି ମିଶ୍ର, ଶୋଭା ଦେ ଓ ପ୍ରହଲ୍ଲାଦ କକରଙ୍କ ଭଳି ବଲିଉଡ୍ ସେଲିବ୍ରିଟି ଏଥିରେ ସାମିଲ ହେବେ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ ଏକ ଖାଦ୍ୟ ଉତ୍ସବ ଆୟୋଜନ କରାଯିବ, ଯେଉଁଥିରେ ୩୮ଟି ଷ୍ଟଲ୍ ରହିବ। ଏହା ବ୍ୟତୀତ ଏକ ଅଟୋମୋବାଇଲ୍ ଜୋନ୍ ରହିବ, ଯେଉଁଥିରେ ପ୍ରତିଷ୍ଠିତ ବ୍ରାଣ୍ଡଗୁଡ଼ିକର ଗାଡ଼ି ପ୍ରଦର୍ଶିତ ହେବ। ଏହି ମେଳାରେ ସାମିଲ ହେବାକୁ ଥିବା ମହିଳାମାନଙ୍କୁ ବ୍ୟବସାୟର ମନ୍ତ୍ର ପ୍ରଦାନ କରାଯିବ। ସେମିନାର ଆୟୋଜନ କରାଯିବ। ରାଜ୍ୟର ସବୁ ମହିଳାଙ୍କୁ ସଶକ୍ତ କରିବା ସହ ସେମାନଙ୍କ ପାଇଁ ଏହା ସହଯୋଗର ସେତୁ ହେବ। ସବୁ ଷ୍ଟଲ୍‌ର ବ୍ରାଣ୍ଡିଂ କରାଯିବ ଏବଂ ଷ୍ଟଲ୍ ବିଷୟରେ ସବିଶେଷ ତଥ୍ୟ ରହିବ। ଏହି ମେଳା ମହିଳାମାନଙ୍କୁ ବ୍ରାଣ୍ଡ୍ ଶୁଭାରମ୍ଭ, ବଜାର ସଂଯୋଗ, ଗ୍ରାହକ ସମ୍ପର୍କ, ଷ୍ଟାର୍ଟଅପ୍ ଏବଂ ଏମ୍ଏସ୍ଏମ୍‌ଇଗୁଡ଼ିକୁ ଉନ୍ନତି ପାଇଁ ଆବଶ୍ୟକ ଯୋଜନା ସମ୍ପର୍କରେ ଅବଗତ କରିବ। ଏଥିରେ ଫ୍ୟାସନ୍, ସ୍ୱାସ୍ଥ୍ୟ, ଖାଦ୍ୟ, କୃଷି, ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ଅର୍ଥନୀତି, ରିଅଲ୍ ଇଷ୍ଟେଟ୍ ଓ ଅଟୋମୋବାଇଲ୍ ଶିଳ୍ପର ପ୍ରତିନିଧି ରହିବ। ଏହି ଅବସରରେ ଏମ୍ଏସ୍ଏମ୍‌ଇ ବିଭାଗର ସ୍ୱତନ୍ତ୍ର ସଚିବ ଶୁଭେନ୍ଦ୍ର କୁମାର ନାୟକ, ଆଇସିସି ଓଡ଼ିଶା ଶାଖାର ଅଧ୍ୟକ୍ଷ ରାଜୀବ ସାହୁ, ଉପାଧ୍ୟକ୍ଷ ନୀଲାଞ୍ଜନା ମୁଖାର୍ଜୀ, ଆଇଏନଡ଼ବ୍ଲ୍ୟୁଇସି ଆବାହକ ପ୍ରୀତି ପଲ୍ଲବୀ ପଟ୍ଟନାୟକ, ସହ ଆବାହକ ସ୍ୱାତୀ କେଜ୍ରିୱାଲ, ସୁମାଦେବୀ ଦାଶ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ପୀର ବଜାର ଶାଖା ଦ୍ୱାରା ମେଗା ଋଣ ଶିବିର

**ଭୁବନେଶ୍ୱର,(ଡିକେ ନ୍ୟୁଜ୍):** ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୀର ବଜାର ଶାଖା, କଟକ ଦ୍ୱାରା ବୁଧବାର ଏସ୍ଏଚ୍‌ଜି ବ୍ୟାଙ୍କ ସଂଯୋଗୀକରଣ ନିମନ୍ତେ ଭୈରପୁରସ୍ଥିତ ମା ଭଗବତୀ ମଣ୍ଡପଠାରେ ଟାଙ୍ଗି-ସାଲିପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ ଉପସ୍ଥିତିରେ ଏକ ମେଗା ଋଣ ଶିବିର ଆୟୋଜିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ବେହେରା ଗ୍ରାମ୍ୟ ଏବଂ ଅର୍ଦ୍ଧସହରାଞ୍ଚଳରେ ମହିଳାମାନଙ୍କୁ ସେମାନଙ୍କର ଆର୍ଥିକ ନିଷ୍ପତ୍ତି ଏବଂ




ଜୀବିକା ଉପରେ ନିୟବଣ ରଖିବା ପାଇଁ ମହିଳା ସଶକ୍ତିକରଣରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ବିତ୍ତୀୟ ସହାୟତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଆର୍ଥିକ ଅନ୍ତର୍ଭୁକ୍ତିକରଣର ପ୍ରୋତ୍ସାହନ ଏବଂ ଦାରିଦ୍ର୍ୟ ଦୂରୀକରଣ ଏସ୍ଏଚ୍‌ଜି ବ୍ୟାଙ୍କ ସଂଯୋଗୀକରଣ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ସେ କହିଥିଲେ। ସମାଜର ଉନ୍ନତି ଏବଂ ସାମଗ୍ରିକ ବିକାଶରେ ଦେଶର ଅର୍ଥନୀତିକୁ ସୁଦୃଢ କରିବାରେ ବିଭିନ୍ନ ନାରୀ କୈନ୍ଦ୍ରିକ ଯୋଜନା ନିମନ୍ତେ ନିରନ୍ତର ପ୍ରୟାସ ପାଇଁ ବ୍ୟାଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୨.୫ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ପୀର ବଜାର ଶାଖାର ଶାଖା ମୁଖ୍ୟ ସନ୍ତୋଷ କୁମାର ଦାସଙ୍କ ସମେତ ବ୍ୟାଙ୍କର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।



# ପହଲଗ୍ରାମ ଆତଙ୍କୀ ଆକ୍ରମଣରେ ମୃତକଙ୍କ ପରିବାରକୁ ୧୦-୧୦ ଲକ୍ଷ ଟଙ୍କା ଦେବେ ଜାମ୍ମୁ-କାଶ୍ମୀର ସରକାର

**ଜାମ୍ମୁ ,(ହି.ସ):** ଜାମ୍ମୁକାଶ୍ମୀର ସରକାର ପହଲଗ୍ରାମ ଆତଙ୍କୀ ଆକ୍ରମଣରେ ମୃତକଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୨ଲକ୍ଷ ଟଙ୍କା ଅନୁକମ୍ପା



ରାଶି ଦେବାକୁ ଘୋଷଣା କରିଛନ୍ତି। ସରକାର ପୀଡିତମାନେ ଯେପରି ତାଙ୍କ ଘର ପର୍ଯ୍ୟନ୍ତ ସମ୍ମାନଜନକ ଭାବରେ ସେମାନଙ୍କ ଘରେ ପହଁଚିପାରିବେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରିଛନ୍ତି। ଆହତମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇଦିଆଯାଉଛି।ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ କହିଛି ଯେ ନିରୀହ ନାଗରିକଙ୍କ ବିରୋଧରେ ବର୍ବର ଏବଂ ମୂର୍ଖତାପୂର୍ଣ୍ଣ ନିର୍ମମତାର ସମାଜରେ କୌଣସି ସ୍ଥାନ ନାହିଁ। କୌଣସି ଟଙ୍କା ପ୍ରିୟଜନଙ୍କ କ୍ଷତି ପାଇଁ କ୍ଷତିପୂରଣ ଦେଇପାରିବନାହିଁ, କିନ୍ତୁ ସମର୍ଥନ ଏବଂ ଏକତାର ନିଦର୍ଶନ ସ୍ୱରୂପ ଜାମ୍ମୁକାଶ୍ମୀର ସରକାର ମୃତକଙ୍କ ପରିବାରର ପ୍ରତ୍ୟେକଙ୍କୁ ୧୦-୧୦ ଲକ୍ଷ ଟଙ୍କା, ଗୁରୁତର ଆହତଙ୍କୁ ୨-୨ ଲକ୍ଷ ଟଙ୍କା ଏବଂ ସାମାନ୍ୟ ଭାବରେ ଆହତ ଲୋକଙ୍କୁ ୧-୧ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବେ।

# ଗୋଟିଏ ରାଷ୍ଟ୍ର - ଗୋଟିଏ ନିର୍ବାଚନ ଦେଶକୁ ନୂଆ ଦିଶା ଦେଖାଇବ : ଧର୍ମେନ୍ଦ୍ର ପ୍ରଧାନ

**ନୂଆଦିଲ୍ଲୀ,(ହି.ସ):** 'ଗୋଟିଏ ରାଷ୍ଟ୍ର - ଗୋଟିଏ ନିର୍ବାଚନ' କେବଳ ନିର୍ବାଚନ ଖର୍ଚ୍ଚ ଏବଂ ଆଚାର ସଂହିତା ବିଷୟରେ ସୀମିତ ହୋଇ ରହିନାହିଁ ବରଂ ଏହା ଦେଶର ରାଜନୈତିକ ସ୍ଥିରତା, ସୁଶାସନ ଏବଂ ବିକାଶର ନୂଆ ଦିଶା ଦେଖାଇବାର ମାଧ୍ୟମ ଅଟେ ବୋଲି ବୁଧବାର ନୂଆଦିଲ୍ଲୀ ସ୍ଥିତ ଡା. ଆମ୍ବେଦକର ଇଣ୍ଟରନ୍ୟାସନାଲ ସେଣ୍ଟରରେ 'ୱାନ୍ ନେସନ୍ - ୱାନ୍ ଇଲେକ୍ସନ' ବିଷୟ ଉପରେ ଆୟୋଜିତ କର୍ମଶାଳାରେ ଦେଶର ଯୁବବର୍ଗଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହି ବିଷୟ ଏବେ ଆଇନ ଏବଂ ରାଜନୈତିକ ଚର୍ଚ୍ଚା ପରିସରରୁ ବାହାରି ଦେଶର ପ୍ରମୁଖ ଏଜେଣ୍ଡାର ଅଂଶବିଶେଷ ହୋଇଛି। କିଛି ବି ବଡ ରାଜନୈତିକ ନିଷ୍ପତ୍ତିକୁ ନିର୍ଣ୍ଣାୟକସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ନୀତି, ଯୋଜନା, ରାଜନୀତି ଏବଂ ସବୁଠୁ ମହତ୍ୱପୂର୍ଣ୍ଣ – ଜନଭାଗିଦାରୀ ଆବଶ୍ୟକ। ଏହି ଭାବନା ସହ ଆଜି ଆମେ ଏହି କର୍ମଶାଳାରେ ଏକାଠି ହୋଇଛୁ। ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ କହୁଛନ୍ତି, ଏହି ସମୟ ହିଁ, ଭାରତର ସମୟ। ସେହି ବିଷୟକୁ ନେଇ ବିରୋଧୀଙ୍କ ନକରାତ୍ମକ ଟିପ୍ପଣୀ ଦୁର୍ଭାଗ୍ୟପୂର୍ଣ୍ଣ। ସେମାନଙ୍କ ଏହି ମନ୍ତବ୍ୟ କେବଳ ଦେଶର ସାମ୍ବିଧାନିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁନାହିଁ ବରଂ ଜନାଦେଶକୁ ମଧ୍ୟ ହତାଦର କରୁଛି। ବିରୋଧୀଙ୍କ ଏହି ନକରାତ୍ମକ ରାଜନୀତି ଦୁର୍ଭାଗ୍ୟଜନକ। ସମ୍ବିଧାନର କଥା କହୁଥିବା ଲୋକମାନେ ସମ୍ବିଧାନକୁ ସବୁଠୁ ଅଧିକ କ୍ଷତି ପହଞ୍ଚାଉଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ୧୯୬୭ ପରେ ଯେତେବେଳେ ଲୋକଙ୍କର ଆକାଂକ୍ଷାଗୁଡିକୁ ଉପେକ୍ଷା କରାଗଲା, ସେତେବେଳେ କଂଗ୍ରେସ ଜୋଡତୋଡ୍ ରାଜନୀତିକୁ ଆଗକୁ ବଢାଇବାରେ ସହାୟକ ହୋଇଥିଲା। ଆଜି ସାମନ୍ତବାଦୀ ଚିନ୍ତାଧାରାରେ ଗ୍ରସିତ ଏହି ଲୋକମାନେ ତୃତୀୟ ଥର ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାରକୁ ଜନତାଙ୍କ ଦ୍ୱାରା ମିଳିଥିବା ଜନାଦେଶକୁ ସ୍ୱୀକାର କରିପାରୁନାହାନ୍ତି। ଆଜିର ସମୟ ହୋଇଛି, ଗଣତନ୍ତ୍ର ବ୍ୟବସ୍ଥାକୁ ସଶକ୍ତ କରିବା ଏବଂ ଗୋଟିଏ ରାଷ୍ଟ୍ର - ଗୋଟିଏ ନିର୍ବାଚନକୁ ଜନ ଅଭିଯାନ, ଜନସମ୍ବାଦ ଏବଂ ଜନ ଆନ୍ଦୋଳନରେ ପରିଣତ କରିବା। ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ ବିକଶିତ ଭାରତ କଳ୍ପନାର ଆଧାରଶୀଳା, ଯାହା ସଶକ୍ତ ଏବଂ ସ୍ଥିର ଭାରତ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହେବ।

# ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ମହାରାଷ୍ଟ୍ର ସରକାର ସକ୍ରିୟ, ପର୍ଯ୍ୟଟକଙ୍କ ପାଇଁ ବିଶେଷ ଉଡାଣ ପାଇଁ ଅନୁରୋଧ କଲେ ଉପମୁଖ୍ୟମନ୍ତ୍ରୀ ସିନ୍ଦେ

**ନୂଆଦିଲ୍ଲୀ,(ହି.ସ):** ଜମ୍ମୁ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ମହାରାଷ୍ଟ୍ରର ୫ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି । ପହଲଗାମରେ ରାଜ୍ୟର ଅନ୍ୟ ପର୍ଯ୍ୟକ ଫସିରହିଥିବା ଆଶଙ୍କା କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ପହଲଗାମରେ ଫସିରହିଥିବା ପର୍ଯ୍ୟଟକଙ୍କୁ ଫେରାଇ ଆଣିବା ପାଇଁ ବିଶେଷ ଉଡାଣର ଅନୁରୋଧ କରିଛନ୍ତି । ଏହି ସ୍ଥିତିକୁ ଦେଖି ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତତ୍ପରତା ଦେଖାଇ ଫସିରହିଥିବା ପର୍ଯ୍ୟଟକଙ୍କୁ ସୁରକ୍ଷିତ ଫେରାଇ ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି । ସେ କେନ୍ଦ୍ରୀୟ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁଙ୍କୁ ସହ ଟେଲିଫୋନ ଯୋଗେ କଥା ହୋଇ ଫସିରହିଥିବା ଲୋକଙ୍କୁ ଫେରାଇ ଆଣିବା ପାଇଁ ସ୍ୱତନ୍ତ୍ର ଉଡାଣ ଆରମ୍ଭ କରିବାକୁ ଦାବି କରିଛନ୍ତି। ଶ୍ରୀନଗରରେ ପୋଲିସ ନିୟନ୍ତ୍ରଣ କକ୍ଷରେ ପହଂଚିଲେ ଶାହ, ଏଲଜି ସିହ୍ନା ଓ ମୁଖ୍ୟମନ୍ତ୍ରୀ, ପହଲଗାମ ଆତଙ୍କବାଦୀ ଆକ୍ରମଣ ପୀଡିତଙ୍କୁ ଦେଲେ ଶ୍ରଦ୍ଧାଂଜଳି ଶ୍ରୀନଗର- କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ଉପରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲା ଓ ଅନ୍ୟ ଶୀର୍ଷ ଅଧିକାରୀ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ନାଗରିକଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିବା ପାଇଁ ଆଜି ସକାଳେ ପୋଲିସ ନିୟନ୍ତ୍ରଣ କକ୍ଷ ଶ୍ରୀନଗରରେ ପହଂଚିଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଶାହ ଶ୍ରଦ୍ଧାଂଜଳି ଦେବା ପରେ ପହଲଗାମର ବୈସରନ ଯାଇଛନ୍ତି । ବୈସରନରେ ମଙ୍ଗଳବା ସଶସ୍ତ୍ର ଆତଙ୍କବାଦୀମାନେ ନାଗରିକଙ୍କ ଉପରେ ଗୁଳି ଚଳାଇଥିଲେ, ଯେଉଁଥିରେ ୨୭ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ।ମୃତକଙ୍କ ମଧ୍ୟରେ ଅଧିକାଂଶ ପର୍ଯ୍ୟଟକ ଥିଲେ । ଆତଙ୍କବାଦୀ ଆକ୍ରମଣ ପରେ ଶାହ ଗତକାଲି ସନ୍ଧ୍ୟାରେ ଶ୍ରୀନଗରରେ ପହଂଚିଥିଲେ ଏବଂ ଏକ ସୁରକ୍ଷା ସମୀକ୍ଷା ବୈଠକର ଅଧ୍ୟକ୍ଷତା କରିଥିଲେ ।

ସ୍ୱାଗତଂ ଓଡ଼ିଶା

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

# ଡୁମାଣୀ ଖବର

Dumani Khabar (Odia Daily)

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us:

ବର୍ଷ-୬ | ସଂଖ୍ୟା-୩୨ | ଗୁରୁବାର | ୨୪ ଏପ୍ରିଲ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-32 | Thursday | 24 April 2025 | Bhubaneswar | Pages-8 | Rs. 2.00

# ପହଲଗାମ୍ ଆତଙ୍କବାଦୀ ହମଲା ପରେ ଭାରତର ଐତିହାସିକ ନିଷ୍ପତ୍ତି: ସିନ୍ଧୁ ଜଳ ଚୁକ୍ତିନାମା ସ୍ଥଗିତ

## ପାକିସ୍ତାନକୁ ୭ଟି ଶକ୍ତ ଚାପୁଡ଼ା

- ଭାରତରେ ଥିବା ପାକିସ୍ତାନ ନାଗରିକଙ୍କ ଭିସା ରଦ୍ଦ
- ଅଟାରୀ-ୱାଘା ଚେକ୍ ଗେଟ୍ ତୁରନ୍ତ ବନ୍ଦ କରାଯିବ
- ଦିଲ୍ଲୀରେ ଥିବା ପାକିସ୍ତାନ ଦୂତାବାସର କର୍ମଚାରୀ ହ୍ରାସ
- ଭାରତରେ ଥିବା ପାକ୍ ହାଇକମିଶନଙ୍କୁ ଦେଶ ଛାଡିବାକୁ ନିର୍ଦ୍ଦେଶ
- ସିନ୍ଧୁ ନଦୀ ଚୁକ୍ତି ବାତିଲ କଲା ଭାରତ
- ୪୮ ଘଣ୍ଟାରେ ଭାରତ ଛାଡିବାକୁ ନିର୍ଦ୍ଦେଶ
- ୩ ସେନାକୁ ହାଇ ଆଲର୍ଟରେ ରହିବାକୁ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୨୩।୪ (ହି.ସ): ଜମ୍ମୁ ଓ କଶ୍ମୀରର ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ହମଲା ପରେ ଭାରତ ସରକାର ପାକିସ୍ତାନ ବିରୁଦ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ଘଟଣାର ପ୍ରତିବାଦ ସ୍ୱରୂପ ଭାରତ ୧୯୬୦ରେ ସ୍ୱାକ୍ଷରିତ ସିନ୍ଧୁ ଜଳ ଚୁକ୍ତିନାମାକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖିବାକୁ ଘୋଷଣା କରିଛି। ବୁଧବାର ସନ୍ଧ୍ୟାରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ (ଏମ୍‌ଇଏ) ଏକ ଖବରଦାତା ସମ୍ମିଳନୀରେ ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛି। ମନ୍ତ୍ରଣାଳୟର ମୁଖପାତ୍ର କହିଛନ୍ତି, ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦ ଏବଂ ପହଲଗାମରେ ହୋଇଥିବା ନୃଶଂସ ହମଲା ପରେ ଭାରତ ଏହି ଚୁକ୍ତିନାମାକୁ ଜାରି ରଖିବା ଉଚିତ ନୁହେଁ। ସିନ୍ଧୁ ଜଳ ଚୁକ୍ତିନାମା ଏକପାଖିଆ ନୁହେଁ, ଏହା ପାରସ୍ପରିକ ବିଶ୍ୱାସ ଏବଂ ସହଯୋଗ ଉପରେ ଆଧାରିତ। ପାକିସ୍ତାନର କାର୍ଯ୍ୟକଳାପ ଏହି ବିଶ୍ୱାସକୁ ଭାଙ୍ଗିଛି। ସେହିପରି ଏହି ନିଷ୍ପତ୍ତି ସହିତ ଭାରତ • ପୃଷ୍ଠା ୭ ଦେଖନ୍ତୁ...

## ଖୁବଶୀଘ୍ର ଆତଙ୍କବାଦୀ ଆକ୍ରମଣର ଦୃଢ ଜବାବ ଦେବ ଭାରତ: ପ୍ରତିରକ୍ଷା ମନ୍ତ୍ରୀ

ନୂଆଦିଲ୍ଲୀ, ୨୩।୪ (ହି.ସ): ଜମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନେଇ ସାରା ଦେଶ ଏବେ କ୍ରୋଧରେ ରହିଛି। ଆତଙ୍କବାଦୀ ଏବଂ ସେମାନଙ୍କର ମାଲିକ ପାକିସ୍ତାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିରନ୍ତର ଦାବି ହେଉଛି। ସୂଚନାଥାଉକି,ଯେ ଏହି ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରୁ ଅଧିକାଂଶ ପର୍ଯ୍ୟଟକ ଥିଲେ। ଏବେ, ଏହି ଆତଙ୍କବାଦୀ ଆକ୍ରମଣ ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ପ୍ରଥମ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଏହି ଆତଙ୍କବାଦୀ ଆକ୍ରମଣର ଉଚିତ ଜବାବ ଦିଆଯିବ ବୋଲି ରାଜନାଥ ସିଂହ କହିଛନ୍ତି। ଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ • ପୃଷ୍ଠା ୭ ଦେଖନ୍ତୁ...

## ଆତଙ୍କବାଦ ସାମ୍ନାରେ ନଇଁବ ନାହିଁ ଭାରତ: ଅମିତ ଶାହା



ଶ୍ରୀନଗର, ୨୩।୪ (ହି.ସ): ମଙ୍ଗଳବାର ଅପରାହ୍ନରେ ଜମ୍ମୁ ଓ କଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ କରିବାରୁ ଦୁଇଜଣ ବିଦେଶୀ ପର୍ଯ୍ୟଟକଙ୍କ ସମେତ ୨୬ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୨୦ ଜଣ ଆହତ ହୋଇଛନ୍ତି। ଏହି ଆକ୍ରମଣର ଦାୟିତ୍ୱ ଲସ୍କର-ଏ-ତୈବାର ହିଟ ସ୍କ୍ୱାଡ ଦି ରେଜିଷ୍ଟାନ୍ସ ଫ୍ରଣ୍ଟ ନେଇଛି, ଯାହା କଶ୍ମୀରରେ ଆତଙ୍କର ନୂତନ ପ୍ରତିଶବ୍ଦ ପାଲଟିଛି। ପହଲଗାମ ଆକ୍ରମଣ ପରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ବୁଧବାର ପହଲଗାମର ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏହି ସମୟରେ, ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ସାଉଦି ଆରବ ଗସ୍ତରୁ ଭାରତ ଫେରି ଆସିଛନ୍ତି। ଆତଙ୍କବାଦୀ ଘଟଣା ସମ୍ପର୍କରେ ଅମିତ ଶାହା କହିଛନ୍ତି ଯେ ଏହି ଜଘନ୍ୟ ଆତଙ୍କବାଦୀ ଆକ୍ରମଣରେ ସମ୍ପୃକ୍ତ ଲୋକଙ୍କୁ ଛଡ଼ାଯିବ ନାହିଁ ଏବଂ ଆମେ ଅପରାଧୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କୁ କଠୋରତମ ଦଣ୍ଡ ଦେବୁ। ପହଲଗାମରେ ହୋଇଥିବା ପହଲଗାମ ଆକ୍ରମଣ ସମ୍ପର୍କରେ ଅମିତ ଶାହା କହିଛନ୍ତି ଯେ ଭାରତ ଆତଙ୍କବାଦ ଆଗରେ ମୁଣ୍ଡ ନୁଆଁଇବ ନାହିଁ। ଏହି ନୃଶଂସ ଆତଙ୍କବାଦୀ ଆକ୍ରମଣର ଦୋଷୀମାନଙ୍କୁ ଛଡ଼ାଯିବ ନାହିଁ। ସେହିପରି ଶ୍ରୀନଗରରେ ପୀଡିତଙ୍କ ପରିବାର ଏବଂ ଉଦ୍ଧାର ପାଇଯାଇଥିବା ଲୋକଙ୍କୁ ଭେଟିବା ପାଇଁ ପହଞ୍ଚିଥିବା ଶାହ ଦୁଃଖ ପ୍ରକାଶ କରିଥିଲେ ଏବଂ ଏହି ଜଘନ୍ୟ ହତ୍ୟାକାଣ୍ଡର ଦୋଷୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ • ପୃଷ୍ଠା ୭ ଦେଖନ୍ତୁ...

## ୪ ଆତଙ୍କବାଦୀଙ୍କ ଫଟୋ ଜାରି



ଶ୍ରୀନଗର, ୨୩।୪ (ହି.ସ): ଜମ୍ମୁ ଓ କାଶ୍ମୀରର ପହଲଗାମରେ ମଙ୍ଗଳବାର ହୋଇଥିବା ଜଘନ୍ୟ ଆକ୍ରମଣରେ ସାମିଲ ଥିବା ଚାରି ଜଣ ଆତଙ୍କବାଦୀଙ୍କ ଫଟୋଗ୍ରାଫ ସୁରକ୍ଷା ଏଜେନ୍ସିଗୁଡ଼ିକ ଜାରି କରିଛନ୍ତି। ସେମାନେ ସମସ୍ତେ ଲସ୍କର-ଏ-ତୋଇବା ସହିତ ଜଡିତ। ସୁରକ୍ଷା ଏଜେନ୍ସିଗୁଡ଼ିକ ଆତଙ୍କବାଦୀଙ୍କୁ ଖୋଜିବା ଏବଂ ଏହି ଆକ୍ରମଣ ପଛରେ ଥିବା ନିଷ୍ଠୁର ଯୋଜନାର ପର୍ଦ୍ଦାଫାଶ କରିବା ପାଇଁ ସମସ୍ତ ପ୍ରକାର ଚେଷ୍ଟା କରୁଛନ୍ତି। ନିଷିଦ୍ଧ ପାକିସ୍ତାନ-ଭିତ୍ତିକ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଇବା (ଏଲଇଟି) ଆକ୍ରମଣ ପାଇଁ ଦାୟୀ ବୋଲି ଦାବି କରିଛି। କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ କଶ୍ମୀର ଯାଇ ଲେଫ୍ଟନାଣ୍ଟ ଗଭର୍ନର ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମର ଅବଦୁଲ୍ଲାଙ୍କ ସହିତ ପରିସ୍ଥିତି ସମୀକ୍ଷା କରିଛନ୍ତି। ସୂଚନାଯୋଗ୍ୟ, କିଛିଦିନର ନୀରବତା ପରେ ଜମ୍ମୁ-କଶ୍ମୀରରେ ପୁଣି ରକ୍ତମୁଖା ହୋଇଛନ୍ତି ଆତଙ୍କବାଦୀୟ ପହଲଗାମ୍ • ପୃଷ୍ଠା ୭ ଦେଖନ୍ତୁ...

# ରାଜ୍ୟ କ୍ୟାବିନେଟରେ ୬ଟି ପ୍ରସ୍ତାବକୁ ମଞ୍ଜୁରୀ



- ଅଙ୍ଗନୱାଡ଼ି ସୁପରଭାଇଜର ଚାକିରି ପାଇଁ ସ୍ନାତକ ଡିଗ୍ରୀ
- ଅନୁସୂଚିତ ଜନଜାତି ବିଭାଗରେ ୨୪ଟି ନୂଆ ପଦବୀ

ଭୁବନେଶ୍ୱର, ୨୩।୪ (ଡିକେ ନ୍ୟୁଜ୍): ଏଣିକି ଅଙ୍ଗନବାଡ଼ି ସୁପରଭାଇଜର ଚାକିରି ପାଇଁ ସ୍ନାତକ ଡିଗ୍ରୀ ଜରୁରୀ। ଏଥିପାଇଁ ରାଜ୍ୟ ସରକାର ପ୍ରଚଳିତ ଓଡ଼ିଶା ଶିଶୁ ଓ ମହିଳା କଲ୍ୟାଣ ସେବା ସଂଶୋଧନ ରୁଲସ-୧୯୮୯ରେ ସଂଶୋଧନ କରିଛନ୍ତି। ରାଜ୍ୟ କ୍ୟାବିନେଟ୍ ବୁଧବାର ଏହି ସଂଶୋଧନ ପ୍ରସ୍ତାବ ସମେତ ୫ଟି ବିଭାଗର ମୋଟ ୬ଟି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଅବକାରୀ ବିଭାଗର ୨ଟି ପ୍ରସ୍ତାବ ସମେତ ଜଳସମ୍ପଦ, ବିଭାଗ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ, ମହିଳା ଓ ଶିଶୁବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ସମନ୍ୱିତ ରୋଗୀ ପରିବହନ ଓ ସ୍ୱାସ୍ଥ୍ୟ ସହାୟତା ସେବା ଅନ୍ତର୍ଗତ ଜରୁରୀକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବା ଯୋଜନା (୧୦୮ ଆମ୍ବୁଲାନ୍ସ ସେବା) ପାଇଁ ୫ବର୍ଷ ମଧ୍ୟରେ ୨୩୯୮ କୋଟି ଟଙ୍କା ଖର୍ଚ୍ଚ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହାସହିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗରେ ୨୪ଟି ନୂଆ ପଦବୀ ସୃଷ୍ଟି, ଆନନ୍ଦପୁର ମେଗା ଜଳସେଚନ ପ୍ରକଳ୍ପ ପାଇଁ ୧୦୮କୋଟି ଟଙ୍କା ମଞ୍ଜୁରୀ, ଅଙ୍ଗନବାଡ଼ି ସୁପରଭାଇଜର ପଦବୀରେ ଚୟନଭିତ୍ତିକ ନିଯୁକ୍ତି ନିମନ୍ତେ ଜଣେ ଅଙ୍ଗନବାଡ଼ି କର୍ମୀଙ୍କୁ ସ୍ନାତକ ଡିଗ୍ରୀ ହାସଲ କରିବା ଜରୁରୀ ବୋଲି ଆଗତ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ଏହାସହିତ ଅବକାରୀ କନେଷ୍ଟବଳଙ୍କ କ୍ୟାଡ଼ରକୁ ଡିଭିଜିନାଲ କ୍ୟାଡ଼ରରୁ ଜିଲ୍ଲା କ୍ୟାଡ଼ରରେ ପରିବର୍ତ୍ତନ ଏବଂ ଓଡ଼ିଶା ଅବକାରୀ ନିୟମରୁ ଏକ୍ସ୍ଟ୍ରା ଆୱାର ଅପରେସନ୍ ଫି’କୁ ଡିଷ୍ଟିଲାରୀ, ବଟଲିଂ ୟୁନିଟ୍ ଓ ବ୍ରିୱେରୀ ୟୁନିଟଗୁଡ଼ିକ ନିମନ୍ତେ ଛାଡ଼ କରିବା ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ତେବେ ଅବକାରୀ କନେଷ୍ଟବଳ କ୍ୟାଡରକୁ ବିଭାଗୀୟ (ଡିଭିଜନାଲ) ସ୍ତରରୁ ଜିଲ୍ଲା (ଡିଷ୍ଟ୍ରିକ୍ଟ) ସ୍ତରକୁ ପରିବର୍ତ୍ତନ କରିବା ପାଇଁ ଓଡ଼ିଶା ଲୋୟାର ଏକ୍ସାଇଜ ସର୍ଭିସ (ନିଯୁକ୍ତି ଓ ସେବା ସର୍ତ୍ତ) ସଂଶୋଧନ ନିୟମ, ୨୦୨୫ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। ୨୦୨୩ ନିୟମାବଳୀରେ ଜିଲ୍ଲା କ୍ୟାଡର ଅନୁଯାୟୀ ନିଯୁକ୍ତି ଓ ସେବା ପରିଚାଳନାକୁ ସୁଗମ କରିବା ପାଇଁ କେତେକ ନିୟମ ସଂଶୋଧନ କରିଯାଇଛି। ଏହା ସହିତ, ଓଡ଼ିଶା ଏକ୍ସାଇଜ ନିୟମ, ୨୦୧୭ର ନିୟମ ୭୯କୁ ଓଡ଼ିଶା ଏକ୍ସାଇଜ ଆଇନ, ୨୦୦୮ର ଧାରା ୯୦ ଅନୁଯାୟୀ ସଂଶୋଧନ କରାଯାଇଛି। ଏହି ସଂଶୋଧନ ଅନୁଯାୟୀ ଡିଷ୍ଟିଲାରୀ, ବଟଲିଂ ୟୁନିଟ୍ ଓ ବ୍ରିୟୁଅରୀ ୟୁନିଟଗୁଡ଼ିକ ପାଇଁ ଅତିରିକ୍ତ ଘଣ୍ଟା ପରିଚ ୟୁନିଟ୍ ପରିଚାଳନା ଫି’ରୁ ଛାଡ଼ ଦିଆଯାଇଛି। ଏହା ବ୍ୟବସାୟର ସୁଗମତାକୁ ପ୍ରୋତ୍ସାହନ ଦେବ, ଉତ୍ପାଦନ କ୍ଷମତା ବୃଦ୍ଧି କରିବ, ନିବେଶ ଆକର୍ଷଣ କରିବ ଏବଂ ରାଜ୍ୟରେ ରୋଜଗାର ସୁଯୋଗ ସୃଷ୍ଟି କରିବ। ସେହିପରି ରାଜ୍ୟ କ୍ୟାବିନେଟ୍ ଆଇପିଟିଏଚଏଚଏସ-ଫେଜ୍ -୨ ଅଧୀନରେ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା (ଇଏମ୍‌ଏଏସ୍) ଯୋଜନାକୁ ୨୦୨୩-୨୪ରୁ ୨୦୨୭-୨୮ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବା ପାଇଁ ଅନୁମୋଦନ କରିଛନ୍ତି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ଜାତୀୟ ଆମ୍ବୁଲାନ୍ସ ସେବା ଅଧୀନରେ ଏହି ଯୋଜନା ୫ ମାର୍ଚ୍ଚ ୨୦୧୩ରୁ ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି। ଇଏମ୍‌ଏଏସ୍-୧୦୮ ସେବା ମାଧ୍ୟମରେ ରାଜ୍ୟର ଜନତାଙ୍କୁ ମାଗଣାରେ ଜରୁରୀକାଳୀନ ପ୍ରାକ୍-ହସ୍ପିଟାଲ ପି୧୨ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ୮୬୬ଟି ଆମ୍ବୁଲାନ୍ସ (୪୧୧ଟି ଏଏଲ୍‌ଏସ୍, ୪୪୯ଟି ବିଏଲ୍‌ଏସ୍ ଓ ୬ଟି ବୋଟ୍ ଆମ୍ବୁଲାନ୍ସ) ମାଧ୍ୟମରେ ଏହି ସେବା ୨୪×୭ କେନ୍ଦ୍ରୀୟ କଲ୍ ସେଣ୍ଟର ଦ୍ୱାରା ପରିଚାଳିତ ହେଉଛି। ଏହି ଯୋଜନା ମାଧ୍ୟମରେ ପ୍ରତିବର୍ଷ ପ୍ରାୟ ୧୧-୧୨ ଲକ୍ଷ ଜରୁରୀ ରୋଗୀ (ଗର୍ଭବତୀ ମହିଳା ଓ ଶିଶୁ ସମେତ)ଙ୍କୁ ୨୦ ମିନିଟ୍ ମଧ୍ୟରେ ନିର୍ଦ୍ଦିଷ୍ଟ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଏହି ସେବା ଏକ ଘରୋଇ ଏଜେନ୍ସି ଦ୍ୱାରା ପରିଚାଳିତ ହେଉଛି, ଯାହାଙ୍କୁ ଖୋଲା ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ମନୋନୀତ କରାଯାଇଛି। ପ୍ରକଳ୍ପର ଅର୍ଥନୀତି ରିମ୍ବର୍ସମେଣ୍ଟ ଆଧାରିତ ଚୁକ୍ତି ଅନୁଯାୟୀ ପରିଚାଳିତ ହେଉଛି। ୫ ବର୍ଷ ପାଇଁ ମୋଟ ୨୩୯୮.୪୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଓଡ଼ିଶା ଶିଶୁ ଓ ମହିଳା କଲ୍ୟାଣ ସେବା (ସଂଶୋଧନ) ନିୟମ, ୨୦୨୫: ଓଡ଼ିଶା ଶିଶୁ ଓ ମହିଳା କଲ୍ୟାଣ ସେବା (ସଂଶୋଧନ) ନିୟମ, ୨୦୨୫କୁ ଅନୁମୋଦନ କରିଛନ୍ତି। ଏହି ସଂଶୋଧନ ଅନୁଯାୟୀ ଅଙ୍ଗନୱାଡ଼ି • ପୃଷ୍ଠା ୭ ଦେଖନ୍ତୁ...

## ୨୬ ଏପ୍ରିଲ ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ: ଆଇଏମଡି

ଭୁବନେଶ୍ୱର, ୨୩।୪ (ଡିକେ ନ୍ୟୁଜ୍): ବୁଧବାର ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ସୂଚନା ଦେଇଛି ଯେ, ଓଡ଼ିଶାର ବିଭିନ୍ନ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରାରେ ହଠାତ ବୃଦ୍ଧି ଘଟିଛି। ଆଇଏମଡି ଅନୁଯାୟୀ, ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସର୍ବାଧିକ ତାପମାତ୍ରା ପ୍ରାୟ ୨-୩ ଡିଗ୍ରୀ ସେଲସିୟସ୍ ବୃଦ୍ଧି ପାଇଛି ଏବଂ ଓଡ଼ିଶାର ଅନ୍ୟ କୌଣସି ଜିଲ୍ଲାରେ କୌଣସି ବଡ଼ ପରିବର୍ତ୍ତନ ହୋଇନାହିଁ। ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଜିଲ୍ଲାଗୁଡ଼ିକର କିଛି ସ୍ଥାନରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୪-୫ ଡିଗ୍ରୀ ସେଲସିୟସ୍ ଅଧିକ ରହିଛି। ୨୩ ଏପ୍ରିଲରୁ ୨୬ ଏପ୍ରିଲ ୨୦୨୫ ମଧ୍ୟରେ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ପ୍ରବଳ ଗ୍ରୀଷ୍ମ ପ୍ରବାହ, ଗରମ ଓ ଆର୍ଦ୍ର ରାତିର ସମ୍ଭାବନା ଅଧିକ ବୋଲି ଆଇଏମଡି ପୂର୍ବାନୁମାନ କରିଛି। ଗୁରୁବାର ଠାରୁ ଝାରସୁଗୁଡ଼ା ଜିଲ୍ଲା ପାଇଁ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ରହିଛି। ବୌଦ୍ଧ, ବଲାଙ୍ଗୀର, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର ଜିଲ୍ଲା ପାଇଁ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ରହିଛି। ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର ଜିଲ୍ଲା ପାଇଁ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ରାତ୍ରିରେ ଗରମ ସ୍ଥିତି ସମ୍ଭାବନା ରହିଛି। ସେହିପରି ଶୁକ୍ରବାର ଅରେଞ୍ଜ ୱାର୍ଣ୍ଣିଂ: ଝାରସୁଗୁଡ଼ା ଜିଲ୍ଲା ପାଇଁ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ରହିଛି। ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, ବରଗଡ଼ ଜିଲ୍ଲା ପାଇଁ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ସମ୍ଭାବନା ରହିଛି। ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗୀର ଜିଲ୍ଲାଗୁଡ଼ିକର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ରାତ୍ରିରେ ଉଷ୍ମ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଅଧିକ। ୟେଲୋ ୱାର୍ଣ୍ଣିଂ: କଳାହାଣ୍ଡି, ନୂଆପଡ଼ା, ଦେବଗଡ଼, ଅନୁଗୁଳ ଜିଲ୍ଲାଗୁଡ଼ିକରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ଅଧିକ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ଢେଙ୍କାନାଳ ଜିଲ୍ଲା ଉପରେ ଏକ କିମ୍ବା ଦୁଇଟି ସ୍ଥାନରେ ଗରମ ଏବଂ ଆର୍ଦ୍ର ଅବସ୍ଥା ଅଧିକ ହେବାର ସମ୍ଭାବନା ରହିଛି। ତେବେ ୨୬ ତାରିଖ ଦିନ ୟେଲୋ ୱାର୍ଣ୍ଣିଂ: ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ସୋନପୁର, ବଲାଙ୍ଗୀର, ବୌଦ୍ଧ, ନୂଆପଡ଼ା, କଳାହାଣ୍ଡି, ଅନୁଗୁଳ, ଦେଓଗଡ଼ ଜିଲ୍ଲାଗୁଡ଼ିକରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ହେବାର ସମ୍ଭାବନା ଅଧିକ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି କେନ୍ଦୁଝର, ଢେଙ୍କାନାଳ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଗରମ ଏବଂ ଆର୍ଦ୍ର ଅବସ୍ଥା ଅଧିକ ହେବାର ସମ୍ଭାବନା ରହିଛି।

# ଠାକୁରାଣୀ ଯାତ୍ରା ମୀନାବଜାର




ବ୍ରହ୍ମପୁର, ୨୩।୪ (ଡିକେ ନ୍ୟୁଜ୍): ପ୍ରତି ଦୁଇ ବର୍ଷରେ ଥରେ ପଡ଼େ ବ୍ରହ୍ମପୁରର ବୁଢ଼ୀ ମା’ଠାକୁରାଣୀଙ୍କ ଯାତ୍ରା। ମନ୍ଦିର ଛାଡ଼ି ମା’ ଆସିଥାନ୍ତି ଭକ୍ତଙ୍କ ନିକଟକୁ। ଆଉ ଏହି ସୁଯୋଗକୁ ହାତଛଡ଼ା କରିବାକୁ କେହି ବି ପ୍ରସ୍ତୁତ ନଥାନ୍ତି। ସେଥିପାଇଁ ତ ଯାତ୍ରା ଆରମ୍ଭରୁ ସହରରେ ଜମିଯାଏ ପ୍ରବଳ ଭିଡ଼ କେଉଁଠି ମୀନା ବଜାର ତ ଆଉ କେଉଁଠି ମେଳା। ସବୁଠି ଭିଡ଼ ଖରା ଦିନିଆ ଯାତ୍ରାର ମଜା ନେବାକୁ ପିଲାଠାରୁ ବୁଢ଼ା ଯାଏଁ ସମସ୍ତେ ଯେମିତି ଏକାଠି ହୋଇ ଯାଆନ୍ତି ଗୋଟିଏ ଜାଗାରେ। ତେବେ ଚାଲନ୍ତୁ ବ୍ରହ୍ମପୁରର ପ୍ରସିଦ୍ଧ ମା’ବୁଢୀ ଠାକୁରାଣୀଙ୍କ ଯାତ୍ରା ବୁଲିଆସିବା। ଯାତ୍ରା ଆସିଗଲେ କେବଳ ବଡ଼ ବଜାର, ସାନ ବଜାର ନୁହେଁ ଲୋକାରଣ୍ୟ ହୋଇଯାଏ ସାରା ସହରା ଆଉ ଏହି ଗହଳିର ବେଶ୍ ଫାଇଦା ଉଠାନ୍ତି ବ୍ୟାବାସାୟୀମାନେ। ଠାକୁରାଣୀ ଯାତ୍ରାର ଗ୍ରାହକଙ୍କ ସଂଖ୍ୟାକୁ ଦେଖି ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ମେଳା ନିଜ ପସରା ଖୋଲି ଦିଅନ୍ତି ସହରରେ। ଗତ ୩ ତାରିଖରୁ ସହରରେ ଆରମ୍ଭ ହୋଇଛି ମା’ଙ୍କ ଠାକୁରାଣୀ ଯାତ୍ରା। ଆଉ ତାକୁ ଆଖି ଆଗରେ ରଖି ସହରର ଆମ୍ବ ମାର୍କେଟ, ରାମଲାଙ୍ଗମ ପୋଖରୀ ପାଖ ପଡିଆ ଓ ହାଉସିଂବୋଡ ପାଖ ପଡ଼ିଆ ଠାରେ ଆୟୋଜିତ ହୋଇଛି ମିନା ବଜାର ଓ ମେଳା। ତା ସହ ଲାଗିଛି ହସ୍ତତନ୍ତ ମେଳା। ଅନେକ ଗୁଡାଏ ଷ୍ଟଲ୍ ଖୋଲିଛି ମେଳାରେ। ମହୀଶୂରର ହସ୍ତଶିଳ୍ପ ଠାରୁ ଆରମ୍ଭ କରି କାଶ୍ମୀରର ପାରରିକ ବସ୍ତ୍ର, ଆମ ରାଜ୍ୟର ଟେରାକୋଟା ଆଉ ତା ସାଙ୍ଗକୁ ଭିନ୍ନ ଭିନ୍ନ ରାଜ୍ୟର ହସ୍ତକଳାକୁ ବ୍ରହ୍ମପୁରବାସୀ ନିଜ ସହରରେ ଦେଖି ବେଶ୍ ଉତ୍ସାହିତ ହୋଇପଡିଛନ୍ତି। ସେପଟେ କି ପିଲା କି ବୁଢ଼ା ସମସ୍ତେ ମସଗୁଲ୍ ମୀନାବଜାର ଭିଡ଼ରେ। ଭିଡ଼କୁ ଦୃଷ୍ଟିରେ ରଖି ଯାତ୍ରାସ୍ଥଳ ଠାରୁ • ପୃଷ୍ଠା ୭ ଦେଖନ୍ତୁ...

# ‘ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭’ ଉପସ୍ଥାପନ ଓ ସବିଶେଷ ଆଲୋଚନା



ଭୁବନେଶ୍ୱର, ୨୩।୪ (ଡିକେ ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀ ପରିଷଦଙ୍କ ସପ୍ତମ ବୈଠକ ବୁଧବାର ଲୋକ ସେବା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା, ମନ୍ତ୍ରୀ ପରିଷଦର ସମସ୍ତ ସଦସ୍ୟଗଣ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅନ୍ୟ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, କମିଶନର ଓ ଶାସନ ସଚିବ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, ରାଜ୍ୟ ଗଠନର ଶତବାର୍ଷିକୀ ପାଳନ ଅବସରରେ ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଏକ ଉଚ୍ଚାଭିଳାଷୀ ସଂକଳ୍ପ ନେଇଛନ୍ତି। ୨୦୪୭ ସୁଦ୍ଧା ଆମ ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ଲକ୍ଷ୍ୟ ହାସଲ ଦିଗରେ ମଧ୍ୟ ଏହା ସହାୟକ ହେବ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଏବଂ ନୀତି ଆୟୋଗଙ୍କ ସହଯୋଗରେ ସରକାର ଅଗଷ୍ଟ ୨୦୨୪ ଠାରୁ ‘ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭’ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଅନ୍ତର୍ଭୁକ୍ତି, ସମୃଦ୍ଧି ଓ ସମ୍ପନ୍ନତା ଏହି ଭିଜନ ଦସ୍ତାବିଜର ଆଧାର। ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଆମେରିକୀୟ ଡଲାର ମୂଲ୍ୟର ଜିଏସଡିପି ବା ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦ ଲକ୍ଷ୍ୟ ହାସଲ କରିବା ଏବଂ ଭାରତର ଜିଡିପିର ୫% ଅଂଶଦାର ହେବା ପାଇଁ ଓଡିଶା ଏପର୍ଯ୍ୟନ୍ତ ହାସଲ କରିଥିବା ଅର୍ଥନୈତିକ ଅଭିବୃଦ୍ଧି ହାରକୁ ଅତିକ୍ରମ କରିବା ସହ ଏହାକୁ ଦ୍ରୁତତର କରିବା ଆବଶ୍ୟକ। ସେ କହିଥିଲେ ଯେ ଏହା ଆମ ପାଇଁ ଏକ ଆହ୍ୱାନ ଓ ସୁଯୋଗ। ସହଯୋଗୀ ପରିବେଶ, ସରକାରୀ-ବେସରକାରୀ ନିବେଶ, କାର୍ଯ୍ୟାନ୍ୱୟନ • ପୃଷ୍ଠା ୭ ଦେଖନ୍ତୁ...

## ସମ୍ପାଦକୀୟ

# ରାଷ୍ଟ୍ର ନିର୍ମାଣରେ ଯୁବସମାଜ

ଯୁବ ସମାଜ ହେଉଛି ରାଷ୍ଟ୍ରର ଭବିଷ୍ୟତୟଭାରତ ଏକ ଯୁବ ସମାଜ ପ୍ରଧାନ ରାଷ୍ଟ୍ର ଯେଉଁଠିକି ପାଖାପାଖି ଶତକଡ଼ା ୭୫ଭାଗ ଯୁବ ଶକ୍ତି ରହିଅଛି। ତେବେ ଏହା ଅବଶ୍ୟ ବୁଝିବାକୁ ବାକି ନ ଥିବ ଯେଉଁ ଦେଶରେ ଯୁବଶକ୍ତି ଯେତେ ଅଧିକ ତେଣୁ ତା'କୁ ଉନ୍ନତି କରିବାକୁ ହେଲେ ଯୁବପିଢ଼ିକୁ ସଶକ୍ତ ହୋର ଆବଶ୍ୟକତା ଅଛି। ତେଣୁ ତା'କୁ ପ୍ରଥମେ ବିଭିନ୍ନ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବାର ଅଛି। କୃଷି, ଶିକ୍ଷ, ପ୍ରତିରକ୍ଷା, ଗବେଷଣା ଆଦି ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କ ଅବଦାନ ରହିଲେ ଯେ କୌଣସି ରାଷ୍ଟ୍ର ବିକାଶ କ୍ଷେତ୍ରରେ ଅଗ୍ରଗତି କରିବା ଅବଶ୍ୟମ୍ଭାବୀୟ ଆଦର୍ଶ କ୍ଷେତ୍ରରେ ପରିଚାଳିତ ଯୁବଗୋଷ୍ଠୀ କର୍ମ କ୍ଷେତ୍ରରେ କଠୋର ପରିଶ୍ରମ କରି ଗୋଟିଏ ଜାତିର ଜାତୀୟ ଜୀନକୁ ଭାଜି ଲଗାଇ ଦେଶର ନିରାପତ୍ତା ତଥା ସାର୍ବଭୌମତ୍ୱ ରକ୍ଷା କରନ୍ତି। ରାଷ୍ଟ୍ରର ଗୌରବମୟ ଐତିହ୍ୟ ଏବଂ ପରମ୍ପରା, ସଂସ୍କୃତିର ସଂରକ୍ଷଣ କରନ୍ତି। ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀଙ୍କ ବିରୋଧରେ ଏକତ୍ରିତ ହୋଇ ଦୃଢ ହସ୍ତରେ ପ୍ରତିହତ କରିବା ପାଇଁ ସେମାନେ ହୋଇଥାନ୍ତି ସଂକଳ୍ପବଦ୍ଧ। ଯେ କୌଣସି ରାଷ୍ଟ୍ରର ସ୍ୱାଧୀନତା ଆନ୍ଦୋଳନ କିମ୍ବା ନ୍ୟାୟ ପାଇଁ ଗଣ ଆନ୍ଦୋଳନରେ ସେମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି।

ଋଷିଆ, ଆମେରିକା, ଲଣ୍ଡନ ପରିଭୃହତ ରାଷ୍ଟ୍ର ଠାରୁ ଆରମ୍ଭ କରି ବାଂଲାଦେଶ, ପାକିସ୍ତାନ, ମ୍ୟାନମାର ଏବଂ ଶ୍ରୀଲଙ୍କା ଭଳି କ୍ଷୁଦ୍ର ରାଷ୍ଟ୍ର ପର୍ଯ୍ୟନ୍ତ ପ୍ରତ୍ୟେକ ରାଷ୍ଟ୍ରରେ ଏହି ଯୁବଗୋଷ୍ଠୀର ଭୂମିକା ଅତୁଳନୀୟ। ଭାରତ ବର୍ଷରେ ସ୍ୱାଧିନତା ସଂଗ୍ରାମରେ ଯେଉଁମାନେ ଝାସ ଦେଇଥିଲେ ସେମାନଙ୍କ ମଧ୍ୟରେ ଅଧିକାଂଶ ଥିଲେ ତତ୍କାଳୀନ ଯୁବଗୋଷ୍ଠୀ। ନେତାଜୀ ସୁବାଷ ଚନ୍ଦ୍ର ବୋଷ, ଭଗତ ସିଂ ଉଦ୍ଧାମ ସିଂ, ସୁଖଦେବ, ବାଘାଜତିନ୍, ଚନ୍ଦ୍ର ଶେଖର ଆଜାଦ ପ୍ରମୁଖ ଯୁବ ବିପ୍ଳବୀମାନେ ଜଣେ ଜଣେ ଥିଲେ ବିପ୍ଳବର ଟେଲିହାନ ଅଗ୍ନି ଶିଖା। ସ୍ୱାମୀ ବିବେକାନନ୍ଦ ଯୁବଗୋଷ୍ଠୀର ବଳିଷ୍ଠ ପ୍ରତୀକ। ଯୁବକ ଭିତରେ ରହିଛି ଅଫୁରନ୍ତ ଶକ୍ତି। କେବଳ ରାଷ୍ଟ୍ର ନୁହେଁ, ସମାଜ ଓ ପରିବାରର ଯୁବକ ହେଉଛି ସାହା ଭରଷା। ଯୁବ ପୁତ୍ରର ଉନ୍ନତିରେ ମାତାପିତା ହୁଅନ୍ତି ଗର୍ବିତ। ଏକ ରଙ୍ଗିନ ଭବିଷ୍ୟତର ସେମାନେ ସ୍ୱପ୍ନ ଦେଖନ୍ତି କିନ୍ତୁ ପୁତ୍ର ବିପଥଗାମୀ ହେଲେ ସେମାନଙ୍କ ସବୁ ସ୍ୱପ୍ନ ଚୁରମାର ହୋଇଯାଏ, ହତାଶାର ଦୀର୍ଘଶ୍ୱାସ ବାହାରି ଆସେ ମାତାପିତାଙ୍କ ହୃଦୟରୁ।

ସମୟର ଗତିପଥରେ ସବୁ କଥା କିପରି ବଦଳିଯାଏ ତାହା ଯୁବକମାନେ ଉପଲବ୍ଧି କରନ୍ତି ନାହିଁ। ଜଳିନ୍ଦୁ ଟିଏ ପଦ୍ମ ପତ୍ରରେ ମୋତି ପରି ଦୀପ୍ତି ମନ୍ତ ହୁଏ। ଏହାର ସୌନ୍ଦର୍ଯ୍ୟ କେତେ ସମୟ ରହିପାରିବ? ଦୁଲୁକାଏ ପବନ ଆସିଲେ ମୋତି ସଦୃଶ ଜଳିନ୍ଦୁ ଜଳରେ ବିଲୀନ ହୋଇଯିବ। ସେହିପରି ଯୋନ ସଂସାର ସରୋବରରେ କାମନାର ପତ୍ର ଉପରେ ମୋତି ପରି ଆଜି ଝଟକୁଛି। ଜଳିନ୍ଦୁ କେଉଁଠି ଜାତ ହେଉଛି ତାହା ସେ ଅନୁସନ୍ଧାନ କରୁନାହିଁ। ଯୁବକ ଆଜି ତା'ର ଶକ୍ତି ଓ ସାମର୍ଥ୍ୟକୁ ଠିକ୍ ଧାରାରେ ଉପଯୋଗ କରୁନାହିଁ। ଯୌବନ ବେପରୁଆ ଭାବରେ ଅତିବାହିତ ହେବା ପାଇଁ ଉଦ୍ଦିଷ୍ଟ ନୁହେଁ। ଯୁବାବସ୍ଥା ମଝିରେ ଆସେ ଏହା କାହା ସାଥୀରେ ଆସେ ନାହିଁ ଓ ଆମେ ସାଥୀରେ ଯାଏ ନାହିଁ। ଏହା ଚଳାମେଘ ପରି କ୍ଷଣସ୍ଥାୟୀ। ନିଜର ଅଧିକାରକୁ ଠିକ୍ ଭାବରେ ଉପଯୋଗ କରିବା ଏବଂ ସୁନାମ ଅର୍ଜନ କରିବା ଯୁବକମାନଙ୍କ ପାଇଁ ଆବଶ୍ୟକ। ତାହାହେଲେ ହିଁ ସେମାନଙ୍କର ମାନବିକତା ଉଜ୍ଜ୍ୱଳ ଭାରେ ଦୀପ୍ତିମନ୍ତ ହେବ। ବର୍ତ୍ତମାନ ଜୀବନ ଶୈଳୀ ଆଦୌ ସନ୍ତୁଳିତ ନୁହେଁ। କାମ ଓ ଅର୍ଥ ଦ୍ୱାରା ଏହା ଅତି ମାତ୍ରାରେ ପ୍ରଭାବିତ। ଧର୍ମ ଓ ମୋକ୍ଷ ଏହି ଶୈଳୀରେ ଉପେକ୍ଷିତ ହୋଇଛନ୍ତି। ପରିଣାମ ହେଲା ସ୍ୱାର୍ଥ ଏକଚ୍ଛତ୍ରବାଦ ସାମ୍ରାଜ୍ୟ। ବର୍ତ୍ତମାନ ଯୁଗରେ ସମାଜବାଦ ବିଶେଷ ଚର୍ଚ୍ଚା ରେ ରହିଛି। ସାମାଜିକ ଚେତନା। ସମବାୟ ସମିତି ଆଦିର ସ୍ୱର ବେଶ ମୁଖର। କିନ୍ତୁ ଦୀପତଳ ଅନ୍ଧାର। ବ୍ୟକ୍ତିଗତ ସ୍ୱାର୍ଥ ଅନାବଶ୍ୟକ ଭାବରେ ବଢ଼ି ଚାଲିଛି ଧର୍ମ ଚେତନାର ସନ୍ତୁଳିତ ବିକାଶ ହୋଇଥିଲେ ସ୍ୱାର୍ଥ ଏତେ ନିରଙ୍କୁଶ ହୋଇପାରନ୍ତା ନାହିଁ। ଅର୍ଥ ଚେତନା ଏତେ ଶକ୍ତିଶାଳୀ ହୋଇପଡ଼ିଛି ଯେ, ବ୍ୟକ୍ତି କରଣୀୟ ଓ ଆକର୍ଷଣୀୟ ମଧ୍ୟରେ ତଫାତ ଜାଣି ପାରୁନାହିଁ। ଅର୍ଥ ଜୀବନର ସବୁକିଛି ହୋଇଯାଇଛି। ମାନବୀୟ ସମ୍ବନ୍ଧର ମଧୁରିମା ଅମ୍ଳତାରେ ପରିଣତ ହୋଇଛି। କରୁଣାର ସ୍ରୋତ କୃଶ ହୋଇଛି। କ୍ରୁରତା ସର୍ବତ୍ର ବ୍ୟାପ୍ତୟ ପାରିବାରିକ କଳହ ବଢ଼ିଛି। ଯୌତୁକର ଲାଳସାରେ ପଡ଼ି ନବବିବାହିତା ପତ୍ନୀକୁ ଜୀବନ୍ତ ଦଗ୍ଧ କରିବାକୁ ଭାରତୀୟ ଯୁବକ ପଶ୍ଚାତପଦ ହେଉନାହିଁ। ଏ ସବୁକୁ ସୁଧାରିବାକୁ ହେଲେ ଯୁବକମାନେ ଆଧ୍ୟାତ୍ମିକ, ସାମାଜିକ ନୈତିକତା ଉପରେ ନିଜର ବୁଦ୍ଧି, ବିବେକ ଖଟାଇ ଜଣେ ଜଣେ ଶୃଙ୍ଖଳିତ ଯୁବକ ହେବା ଦରକାର। ବିବେକାନନ୍ଦ କହିଥିଲେ, ପୃଥିବୀରେ ଯେବେ ଶାନ୍ତି ପ୍ରତିଷ୍ଠା ହେବ, ମହା ଯୁବ ପ୍ରଚେଷ୍ଟାରେ ହିଁ ସମ୍ଭବ। ଶେଷରେ ଏତିକି କହିବି, ଯୁବ ସମାଜକୁ ନିଜର ଓ ନିଜ ରାଷ୍ଟ୍ରର ସର୍ବାଙ୍ଗୀନ ବିକାଶ କଥା ଚିନ୍ତା କରିବା ଆବଶ୍ୟକ। ଗୁଣ୍ଡୁଚିମୂଷା ହୋଇ ଯଦିବି ରାଷ୍ଟ୍ର ନିର୍ମାଣରେ ସହଯୋଗ କରିପାରିଲେ ଏହାଠୁ ବଡ କଥା କିଛି ନାହିଁ।

**କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ**
**ସାଂସ୍କୃତିକ ସମ୍ପାଦ କରଦା ହରିହାଟ ମେଳା ମହୋତ୍ସବ କମିଟି**
**ମୋ: ୭୮୪୯୦୧୫୧୨୭**

## ଆପଣଙ୍କ ମତାମତ

**ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।**

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ସର୍ବଦେବତା ସ୍ୱରୂପ ସତ୍ୟସାଇ



କିଶୋର କୁମାର ଜେନା

ଆମ ସମସ୍ତଙ୍କ ଜୀବନରେ ଧର୍ମର ମହତ୍ୱ ରହିଛି। ସବୁ ଧର୍ମର ଲୋକ ନିଜ ନିଜ ମାନତ୍ୟା ଅନୁଯାୟୀ ପ୍ରାର୍ଥନା କରିଥାନ୍ତି ଏବଂ ଈଶ୍ୱରଙ୍କୁ ସ୍ମରଣ କରିଥାନ୍ତି। ଏପରି କରିବା ଦ୍ୱାରା ଆମକୁ କଠିନ ସମୟରେ ମଧ୍ୟ ନିଜର ଲକ୍ଷ୍ୟ ପ୍ରତି ଏକାଗ୍ରତା ବଜାୟ ରଖିବାରେ ସହାୟତା ମିଳିଥାଏ। ଆସନ୍ତୁ କେତେକ ବିନ୍ଦୁ ଆଧାରରେ ଜାଣିବା ଯେ କିପରି ଆଧ୍ୟାତ୍ମ ଆମର ଜୀବନ, ବିଚାରଧାରା, କୃତ୍ୟ ଏବଂ ଆଚରଣକୁ ପ୍ରଭାବିତ କରିଥାଏ। ଭଗବାନ ଶ୍ରୀସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ମନସ୍ୟେକମ୍, ବଚସ୍ୟେକମ୍, କର୍ମଣ୍ୟେକମ୍'। ସତ୍ୟ ହେଉଛି ବାସ୍ତବତା ସହିତ ସମ୍ପୂର୍ଣ୍ଣ ଐକ୍ୟ। ଏହା ଜୀବାତ୍ମାର ଆଧ୍ୟାତ୍ମିକ ଓ ଅପରିବର୍ତ୍ତନୀୟ ବିଭାବ। ଏହା ହିଁ ପ୍ରତ୍ୟେକ ଜୀବର ପ୍ରକୃତ ସ୍ୱଭାବ। ଏହା ଆମ ପ୍ରତ୍ୟେକଙ୍କ ମଧ୍ୟରେ ରହିଥିବା ଦୈବତ୍ୱ। ପୁଟ୍ଟପର୍ତ୍ତୀ ଆନ୍ଧ୍ରପ୍ରଦେଶ ଅନନ୍ତପୁର ଜିଲ୍ଲାର ଗୋଟିଏ ଛୋଟିଆ ଗାଁ। ସେଇ ଗାଁରେ ଜନ୍ମ ନେଇଥିଲେ ଭଗବାନ ଶ୍ରୀସତ୍ୟସାଇ ବାବା। ୧୯୨୬ ମସିହା ନଭେମ୍ବର ୨୩ ତାରିଖ କାର୍ତ୍ତିକ ମାସ ସୋମବାର ଦିନ। ପାରମ୍ପିକ ସତ୍ୟନାରାୟଣ ପୂଜା ସରିବା ପରେ ମାତା ଈଶ୍ୱରାମ୍ମା ସତ୍ୟନାରାୟଣଙ୍କ ପ୍ରସାଦ ଗ୍ରହଣ କରିଥିଲେ ଏବଂ ତାପରେ ଜନ୍ମ ନେଇଥିଲେ ସତ୍ୟସାଇ ବାବା; ସତ୍ୟନାରାୟଣଙ୍କ ପ୍ରସାଦରୁ ଜନ୍ମ ନେଇଥିବାରୁ ନାମ ଦିଆହେଲା ସତ୍ୟ ନାରାୟଣ ରାଜୁ, ଜନ୍ମ ହେବା ପୂର୍ବରୁ ଏବଂ ଜନ୍ମ ହେବା ପରେ ବହୁ ଅଲୌକିକ ଘଟଣା ଘଟି ଚାଲିଥିଲା। ସାତବର୍ଷ ବୟସରେ ସେ ସ୍କୁଲରୁ ଫେରି ଗୃହତ୍ୟାଗ କରି ନିଜକୁ ସତ୍ୟସାଇ ବୋଲି ଘୋଷଣା କରିଥିଲେ, ସେ ଆଜି ମର ଶରୀରରେ ନାହାନ୍ତି ସତ, କିନ୍ତୁ ପୃଥିବୀରେ ବର୍ତ୍ତମାନ ଏପରି କୌଣସି ଦେଶ ନାହିଁ, ଯେଉଁଠି ଭକ୍ତମାନେ ତାଙ୍କ ଅନୁଗ୍ରହ ଉପକାର ଅନୁଭବ କରୁନାହାନ୍ତି। ଦୈବସତ୍ତା ସବୁବେଳେ ଭକ୍ତମାନଙ୍କୁ ଡାକରାକୁ କାନ ଦେଇ ବସିଥାଏ। ଆବଶ୍ୟକତା ଅନୁଯାୟୀ ଯୁଗାବତାରମାନେ ନିଜର ସ୍ୱଭାବ ପ୍ରକଟ କରନ୍ତି।



ଯୋଗୀରାଜ ଶ୍ରୀ ଅରବିନ୍ଦଙ୍କ ମତରେ 'ସବୁଯୁଗରେ ଅବତାରଙ୍କର କର୍ମ କୌଶଳ ସମାନ ରହିବ ବୋଲି ଆଶା କରାଯାଇ ନପାରେ।' ଆଜିର ସଂଶୟାତ୍ମକ ଯୁଗରେ ଦୈବଶକ୍ତିର ପ୍ରତ୍ୟକ୍ଷ ନିଦର୍ଶନ ନ ଦେଖିଲେ, ଲୋକମାନେ ତାଙ୍କ ଠାରେ ଆତ୍ମସମର୍ପଣ କରନ୍ତି ନାହିଁ। ଭଗବାନ କେବଳ ମନ୍ଦିର, ମସ୍‌ଜିଦ୍ ବା ଗୀର୍ଜାରେ ଅଛନ୍ତି ବୋଲି ଆମେ ଭାବିବା ଠିକ୍ ନୁହେଁ। ଭଗବାନଙ୍କ ଆସନ ହେଉଛି ଭକ୍ତର ହୃଦୟ। ସେଥିପାଇଁ ଗୀତାରେ କୁହାଯାଇଛି – 'ପଶ୍ୟନ୍ନପି ଚ ନ ପଶ୍ୟତି'। ଆମ୍ଭେମାନେ ବାହାରେ ଦେଖୁଥିବା ପ୍ରତ୍ୟେକ ବସ୍ତୁ କେବଳ ଆମ ମାନଙ୍କର ଅନ୍ତରାତ୍ମାର ପ୍ରତିଫଳନ। 'ସର୍ବତଃ ପାଣିପାଦଂ ତଥ୍ ସର୍ବତୋକ୍ଷି ଶିରୋମୁଖମ୍।' ସମସ୍ତ ପାଦ, ହାତ, ଆଖି, ମସ୍ତକ ସବୁ ତାଙ୍କର। ଏହାର ଅର୍ଥ ସେ ପ୍ରତ୍ୟେକ ଜୀବ ଭିତରେ ଅଛନ୍ତି।

କେବଳ ସଂଗଠନର ନିୟମ ଅନୁଯାୟୀ ସେବାଦଳ ହୁଅନ୍ତୁ ବା ଯେକୌଣସି ବିଭାଗ, ସେମାନଙ୍କୁ ଦିଆଯାଉଥିବା କାର୍ଯ୍ୟକୁ ସମ୍ପାଦନ କରିବାଟା ଭକ୍ତି ବୋଲି ସ୍ୱୀକୃତ ହୁଏନାହିଁ। ପ୍ରେମଭାବର ସହ କରାଯାଉଥିବା କର୍ତ୍ତବ୍ୟ ହିଁ ବାଞ୍ଛନୀୟ। ସେବା କରିବା ମାଧ୍ୟମରେ ଆମେମାନେ ଉପଲବ୍ଧ କରିବା ଯେ ଆମେ ସମସ୍ତେ ସେହି ଦୈବୀ ସାଗରର ତରଙ୍ଗ ମାତ୍ର। ଅନ୍ୟାନ୍ୟ କୌଣସି ସାଧନା ମାଧ୍ୟମରେ ସମସ୍ତ ଜୀବନ୍ତ ପ୍ରାଣୀ ମାନଙ୍କ ମଧ୍ୟରେ ଥିବା ଐକ୍ୟ ଉପଲବ୍ଧ ହୋଇପାରିବନାହିଁ। ଅନ୍ୟର ଦୁଃଖକୁ ନିଜ ଦୁଃଖ ଭାବେ ଦେଖିବା, ଅନ୍ୟର ସଫଳତାକୁ ନିଜର ସଫଳତା ଭାବେ ଗ୍ରହଣ କରିବା, ଅନ୍ୟ ମାନଙ୍କୁ ନିଜ ପରି ଦେଖିବା ଓ ନିଜକୁ ପ୍ରତ୍ୟେକଙ୍କ ଭିତରେ ଦେଖିବା ହେଉଛି ସେବା ସାଧନାର ଅନ୍ତର୍ନିହିତ ତତ୍ତ୍ୱ। ସେବା ଆତ୍ମୋଲବ୍ଧି ପାଇଁ ଉଦ୍ଦିଷ୍ଟ ନବଧା ଭକ୍ତି ମଧ୍ୟରୁ ଏକ ସୋପାନ। ସେ ଦୃଷ୍ଟିରୁ ଆମେମାନେ ଏଥିପାଇଁ ନିଷ୍ଠାର ସହ ଉଦ୍ୟମ କରିବା ଦରକାର। ପ୍ରେମଭାବ କଠିନତମ ହୃଦୟ ପାଇଁ ମଧ୍ୟ ଶ୍ରେଷ୍ଠ ଦ୍ରାବକ। ପ୍ରେମଭାବ ଆମ ମାନଙ୍କ ହୃଦୟ ପଦ୍ମକୁ ବିକଶିତ କରୁ, ଯେଉଁ ସେବା କର୍ମରେ ଆମେ ନିୟୋଜିତ ହେଉଛେ ସେ ସମସ୍ତ କାର୍ଯ୍ୟରେ ବିଜୟୀ ପାଇଁ ଅଗ୍ରସର ହେବା ଉଚିତ। ନଦୀ ବହି ଚାଲେ କେତେକ ଅଞ୍ଚଳର ଉପକାର କରିବା ପାଇଁ କିନ୍ତୁ ନିଜେ ଜଳପାନ ଦରକାର କରେନା। ବୃକ୍ଷ ନିଜର ଫଳ ଖାଇନଥାଏ ଆମ ମାନଙ୍କୁ ସୁସ୍ୱାଦୁ ଫଳ ବିତରଣ କରେ। ମେଘ ବର୍ଷି ଚାଲେ ଅନ୍ୟର ଉପକାର ପାଇଁ। ଗୋ ମାତା ଦୁଗ୍ଧ ଦେଇ ଚାଲେ ଆମର ଆବଶ୍ୟକତା ପୂରଣ ପାଇଁ। ନିଜେ ତ ଟୋପାଏ ପିଇ ନଥାଏ ତେଣୁ କୁହାଯାଏ 'ପରୋପକାରର୍ଥଂ ଇଦମ୍ ଶରୀରମ୍'। ଯଥାର୍ଥରେ ଆମ ସମସ୍ତଙ୍କ ପାଇଁ ଆମେ ସମସ୍ତେ ଏକ ଓ ସେହି ବିଶ୍ୱ ନିୟନ୍ତାଙ୍କ ସନ୍ତାନସନ୍ତତି ମଣି କିଛି କିଛି ତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ। ସାଇ ସେବକର ହୃଦୟ ପବିତ୍ରତା, ନିର୍ମଳତା ଓ ପ୍ରେମ ପ୍ରବାହରେ ପ୍ଳାବିତ ହୋଇଥିବା କଥା। ଭଗବାନ ଶ୍ରୀସତ୍ୟସାଇ ସେବା ସୁଯୋଗର ଏହି ଦିବ୍ୟ ଅବସର ଆମ୍ଭ ମାନଙ୍କୁ ପ୍ରଦାନ କରିଛନ୍ତି। ନିଃସ୍ୱାର୍ଥପର ଭାବରେ ଅନ୍ୟର ଦୁଃଖ, ଯନ୍ତ୍ରଣା ଓ ଅଭାବ ଲାଘବ କରିବା ହେଉଛି ଏକ ମହତ୍ କର୍ମ। ଭଗବାନ କୁହନ୍ତି ବୁଭୁକ୍ଷୁଭ ଠାରେ ଖାଦ୍ୟରୂପୀ ଭଗବାନ, ରୁଗଣକୁ ଔଷଧରୂପୀ ଭଗବାନ, ବସ୍ତ୍ରହୀନକୁ ବସ୍ତ୍ରୀରୂପୀ ଭଗବାନ ଓ ତୃଷ୍ଣାର୍ଥକୁ ଜଳରୂପୀ ଭଗବାନ ପହଞ୍ଚାଇ ଦିଅ। ପ୍ରତ୍ୟେକ ଅସହାୟ ବ୍ୟକ୍ତିର ହୃଦୟ ହେଉଛି ଭଗବାନଙ୍କର ମନ୍ଦିର। ଯେଉଁଠି ଆମେ ସେବ ରୂପକ ନୈବେଦ୍ୟ ଅର୍ପଣ କରିପାରିବା। ତାହା ହିଁ ମାନବ ଜୀବନର ଉଦ୍ଦେଶ୍ୟ, ବଞ୍ଚିବାର ପ୍ରଣାଳୀ ଓ ସାର୍ଥକତା। ଆଜି ହେଉଛି ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ୧୪ତମ ମହାପ୍ରୟାଣ ତିଥି ଯାହା ଆରାଧନା ମହୋତ୍ସବ ଭାବେ ସମଗ୍ର ବିଶ୍ୱରେ ପାଳିତ ହୋଇଥାଏ। ବାବା ଆଜି ମରଶରୀରରେ ନାହାନ୍ତି ସତ, କିନ୍ତୁ ତାଙ୍କର ଅନୁଗ୍ରହ ଏବେ ମଧ୍ୟ ଭକ୍ତମାନଙ୍କ ନିକଟରେ ଜୀବିତ ହୋଇ ରହିଛି। ଶ୍ରୀସତ୍ୟଇ ବାବା ଯେ, ଅବତାର ତାର ଅବିସମ୍ବାଦି ପ୍ରମାଣ ହେଲା, ତାଙ୍କର ଶକ୍ତି, ଯାହାବଳରେ ସେ ସାରା ସଂସାରରେ ଲକ୍ଷ ଲକ୍ଷ ଲୋକଙ୍କୁ ଆକୃଷ୍ଟ କରି ଧର୍ମମାର୍ଗରେ ନିୟୋଜିତ କରିଛନ୍ତି, ସେହି ଶକ୍ତି ହିଁ ପ୍ରମାଣ କରି ସେ 'ସର୍ବଦେବତା ସ୍ୱରୂପ'।

**ଆଇନଜୀବୀ, ବଙ୍ଗାଳିସାହି,**
**କଟକ, ଦୂରଭାଷ :**
**୭୩୨୫୯୦୪୯୨୭/**
**୭୩୭୭୪୩୯୦୭୭**
**E-mail :**
**kishorekumarjenaadv@gmail.com**

# ବିପଦରେ ବିପନ୍ନ ହେଲେ କ'ଣ କରିବା ?



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଏହି ସମଗ୍ର ସୃଷ୍ଟିର ତତ୍ତ୍ୱାବଧାରକ ଏବଂ ନିର୍ଦ୍ଦେଶକ ହେଉଛନ୍ତି ପରମାତ୍ମା। ସୃଷ୍ଟିର ଜନ୍ମ-ମୃତ୍ୟୁ ଏବଂ ପ୍ରଳୟର ସେ ଏକମାତ୍ର ଦ୍ରଷ୍ଟା। ଯଦିଓ ସଚରାଚର ବିଶ୍ୱ ବ୍ରହ୍ମାଣ୍ଡର ସେ ହେଉଛନ୍ତି ସ୍ରଷ୍ଟା ସେ କିନ୍ତୁ ନିର୍ଲିପ୍ତ। ସେ କୌଣସିଥିରେ ସମ୍ପୃକ୍ତ ନୁହନ୍ତି। ସେ ହେଉଛନ୍ତ ସ୍ୱସମ୍ବେଦ୍ୟ ଅର୍ଥାତ୍ ସଂବେଦନ ଠାରୁ ବହୁ ଉର୍ଦ୍ଧ୍ୱରେ। ସୃଷ୍ଟିର ଆରମ୍ଭ ପୂର୍ବରୁ ପରମାତ୍ମା ଥିଲେ ଏବଂ ସୃଷ୍ଟିର ବିନାଶ ପରେ ମଧ୍ୟ ସେ ରହିଥିବେ। ପରମାତ୍ମାଙ୍କ ଠାରୁ ସୃଷ୍ଟିର ଆରମ୍ଭ ଏବଂ ତାଙ୍କରି ଠାରେ ଏହାର ବିଲୟ। ପରମାତ୍ମା କିନ୍ତୁ ସେହିପରି ନିଶ୍ଚଳ ଥିବେ।

ସଂକ୍ଷେପରେ କୁହାଯାଇପାରେ ଯେ ଏହି ପ୍ରକାଣ୍ଡ ବିଶ୍ୱକୁ ଏକ ମହାଶକ୍ତି ପରିଚାଳିତ କରୁଛି ଏବଂ ସେହି ମହାଶକ୍ତି ହେଉଛନ୍ତି ପରମାତ୍ମା। ଯାହା ସବୁ ଆମର ଦୃଶ୍ୟ ହେଉଛି ତାହାଠାରୁ ତାଙ୍କର ସ୍ଥିତି ହେଉଛି ଭିନ୍ନ। ସୃଷ୍ଟିରେ ଯାହା କିଛି ଅଛି ସେ ସବୁର ସେ ହେଉଛନ୍ତି ଅଭିନ୍ନ ଅଂଗ। ତେବେ ଏ ସବୁକୁ ସୃଷ୍ଟି କରିବା ପରେ ପରମାତ୍ମାଙ୍କ ସ୍ଥିତି ହେଉଛି ସ୍ୱତନ୍ତ୍ର ଏବଂ ସ୍ୱାଧୀନ। ପରମାତ୍ମାଙ୍କର ଏହି ସର୍ବବ୍ୟାପୀ ଗୁଣ ଯୋଗୁ ତାଙ୍କୁ ଅନେକ ଅଜ, ଅମର ଏବଂ ଅନାଦି କହିଥାନ୍ତି। କେବଳ ସେତିକି ନୁହେଁ ତାଙ୍କୁ ମଧ୍ୟ ଅନନ୍ତ, ଅବିଚ୍ଛିନ୍ନ, ଅର୍ନିବାଚନୀୟ ଏବଂ ସଦଚିତ ଆନନ୍ଦ କୁହାଯାଏ। ପରମାତ୍ମାଙ୍କର ସର୍ବବ୍ୟାପୀ ଗୁଣକୁ ବର୍ଣ୍ଣନା କରିବାକୁ ଯାଇ କୁହାଯାଏ ଯେ ସେ ହେଉଛନ୍ତି ସୂକ୍ଷ୍ମାତିସୂକ୍ଷ୍ମ ଏବଂ ବିଶାଳତା ଠାରୁ ମଧ୍ୟ ବିଶାଳ। ତେବେ ପରମାତ୍ମାଙ୍କ ଗୁଣକୁ ବର୍ଣ୍ଣନା କରିବାକୁ ଶବ୍ଦ ଯଥେଷ୍ଟ ନୁହେଁ।

ଜଣେ ମା' ବ୍ୟାକୁଳ କଣ୍ଠରେ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ କହିଲେ – ବାବା! ମୁଁ ବଡ଼ ବିପନ୍ନ। କ'ଣ କଲେ ମୋର ବିପଦ ଯିବ? ମୋତେ ଗୋଟିଏ ରାସ୍ତା ବତାଇ ଦିଅନ୍ତୁ। ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଗଭୀର ସମବେଦନାର ସହିତ କହିଲେ – କ'ଣ ଆଉ କରିବୁ ମା! ପ୍ରାଣ ଭରି ଭଗବାନଙ୍କୁ ଡାକ। ଭଗବାନଙ୍କର ନାମ କର। ତାଙ୍କ ଛଡ଼ା ମଣିଷର ଆଉ କ'ଣ ବା ସମ୍ବଳ ଅଛି କହ? ଭଗବାନଙ୍କ ବ୍ୟତୀତ ଆଉ ଯାହା କିଛି ଉପରେ ହିଁ ମଣିଷ ନିର୍ଭର କରିବାକୁ ଯାଏ, ସମସ୍ତେ ହିଁ ଜଣ ଜଣ କରି ଅପସରି ଯାଆନ୍ତି, କୌଣସିଟା ହିଁ ଦୀର୍ଘସ୍ଥାୟୀ ହୁଏ ନାହିଁ। ତାଙ୍କୁ ଯିଏ ଭଲ ପାଏ, ସମ୍ପଦରେ, ବିପଦରେ ଯିଏ କେବେ ବି ତାଙ୍କୁ ଭୁଲେ ନାହିଁ, ସେ କିନ୍ତୁ କମ ଘାବୁରାଇ ଥାଏ। ଲୋକମାନେ ତାଙ୍କୁ ବିପଦ ବାରଣ କରିଥାନ୍ତି। ଶରୀର ଠିକ ରଖ, ଆଉ ତୋ ମନରେ କେହି କଷ୍ଟ ଦେଲେ ବି ତୁ କାହାରି ମନରେ କଷ୍ଟ ଦେବୁ ନାହିଁ। ଯେତେ ଟିକେ ପାରିବୁ ମଣିଷର ଭଲ କରିବୁ ଏବଂ ଭଗବାନ ପାଖରେ ସମସ୍ତଙ୍କର ମଙ୍ଗଳ ପ୍ରାର୍ଥନା କରିବୁ। ଏହି ଭାବରେ ଚଳିଲେ ଦେଖିବୁ ଭଗବାନଙ୍କ ଦୟାରେ ବିପଦର ସମୟରେ ସହାୟ ସମ୍ବଳର ଅଭାବ ହେବନାହିଁ ଏବଂ ମନରେ ବଳ ପାଇବୁ।

ବିଶ୍ୱର ସମସ୍ତ ଜଡ଼ ଏବଂ ଜୀବ ପରମାତ୍ମାଙ୍କ ଠାରୁ ସୃଷ୍ଟ। ପଞ୍ଚମହାଭୂତ ଯଥା ମାଟି, ପାଣି, ପବନ, ନିଆଁ ଏବଂ ବ୍ୟୋମର ସେ ହେଉଛନ୍ତି ନିୟନ୍ତ୍ରକ। ସ୍ଥାନ ଏବଂ ସମୟ ଠାରୁ ସେ ସ୍ୱାଧୀନ। ସେ ହେଉଛନ୍ତି ପରମାନନ୍ଦ। ତାଙ୍କୁ କେବଳ ସର୍ବଶକ୍ତିମାନ ଭାବେ ସମ୍ମାନ ପ୍ରଦର୍ଶନ କରାଯାଏ ନାହିଁ, ସେ ହେଉଛନ୍ତି ସବୁ ଶକ୍ତିର ସମନ୍ୱୟ ରକ୍ଷାକାରୀ। ପରମାତ୍ମାଙ୍କର ଜନ୍ମ ବା ମୃତ୍ୟୁ ନାହିଁ। ତାଙ୍କର ବୃଦ୍ଧି ନାହିଁ କିମ୍ବା କ୍ଷୟ ନାହିଁ। ପରମାତ୍ମା ସବୁବେଳେ ସତ ଚିତ ଆନନ୍ଦ ଅବସ୍ଥାରେ ବାସ କରୁଥାନ୍ତି।

ଈଶ୍ୱର ଏବଂ ସନ୍ଥ ହେଉଛନ୍ତି ଅଭିନ୍ନ। ଭୂଲୋକରେ ସନ୍ଥମାନେ ପରମାତ୍ମାଙ୍କ ପ୍ରତୀକ ଭାବେ କାର୍ଯ୍ୟ କରନ୍ତି। ପରମାତ୍ମା ମଣିଷ ଶରୀର ନେଇ ଜନ୍ମ ହେବା ଦ୍ୱାରା ଏହି ମର ଦୁନିଆରେ ଯାହା ସବୁ ଭୋଗିବାକୁ ପଡ଼େ ତାହା ମାନବ ହୋଇ ଜନ୍ମ ନେଇଥିବା ପରମାତ୍ମାଙ୍କ କ୍ଷେତ୍ରରେ ମଧ୍ୟ ହୋଇଥାଏ। ଏହି ଲୌକିକ ଦୁନିଆରେ କାର୍ଯ୍ୟ କରୁଥିଲେ ମଧ୍ୟ ସେ ଅଲୌକିକ ହୋଇରହନ୍ତି। ଭଗବାନ କହିଛନ୍ତି ଧର୍ମର ପତନ ହେବା ମାତ୍ରେ ସେ ମାନବ ଶରୀର ନେଇ ଧରାରେ ଜନ୍ମ ଗ୍ରହଣ କରି ଦୁଷ୍ଟଙ୍କ ନିବାରଣ କରନ୍ତି ଏବଂ ସନ୍ଥଙ୍କ ରକ୍ଷା କରନ୍ତି। ପରମାର୍ଥ ଲାଭ ମାର୍ଗରେ ବହୁ ପ୍ରତିବନ୍ଧକମାନ ରହିଛି। ସେଗୁଡ଼ିକ ହେଲା ଅହଂକାର, ଅବିଦ୍ୟା, ଲୋଭ, ମୋହ ଏବଂ କାମ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହିସବୁ ଗୁଣଠାରୁ ଦୂରେଇ ରହିବା ପାଇଁ ଆଶ୍ରିତ ମାନଙ୍କୁ ସବୁବେଳେ ପରାମର୍ଶ ଦେଇଛନ୍ତି। ଆତ୍ମ ସ୍ୱରୂପ ଏବଂ ଆତ୍ମ ବିବେକରେ ରହିବା ନିମନ୍ତେ ସେ ପରାମର୍ଶ ଦେଇଛନ୍ତି। ମନ ଉପରେ ଜୟଲାଭ ନିମନ୍ତେ ସେ ତାଙ୍କର ଭକ୍ତମାନଙ୍କୁ ସାହାଯ୍ୟ କରିଥାଆନ୍ତି। ବିବେକ ଏବଂ ବୈରାଗ୍ୟର ମାର୍ଗରେ ଭକ୍ତଙ୍କୁ ନେଇ ଭବସାଗର ପାର କରାଇବାରେ ଶ୍ରୀ ଶ୍ରୀ ଠାକୁର ସାହାଯ୍ୟ କରନ୍ତି। ଏଥିନିମନ୍ତେ ଭକ୍ତ ସଦଗୁରୁଙ୍କ ପାଦତଳେ ନିଜର ଶରୀର, ଧନ ଏବଂ ଆତ୍ମାକୁ ସମର୍ପଣ କରିବା ଉଚିତ। ସଦଗୁରୁ ଏତିକି ମାତ୍ର ଚାହାଁନ୍ତି। ସଦଗୁରୁଙ୍କ ଜୀବନର ଲକ୍ଷ୍ୟ ହେଉଛି ତାଙ୍କ ନିକଟରେ ଯିଏ ନିଜକୁ ସମର୍ପଣ କରିଦେଇଛି ଏବଂ ତାଙ୍କର ନାମ ଜପ କରୁଛି ତାକୁ ମୋକ୍ଷ ପ୍ରଦାନ କରିବା।

**ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,**
**ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**

# କର୍କଟ ରୋଗ ପ୍ରତି ସତର୍କ ରହିବାକୁ ଆହ୍ୱାନ



ଡାକ୍ତର ସୌରଭ କୁମାର ମିଶ୍ର

ବିଭିନ୍ନ କାରଣରୁ ଏବେ ଅନେକ ପ୍ରକାର କର୍କଟ ରୋଗ ସୃଷ୍ଟି ହେଲାଣି ସତ ହେଲେ ବର୍ତ୍ତମାନ ପରିସ୍ଥିତିରେ ସ୍ତନ ଓ ମୁଖଗହ୍ୱର କର୍କଟ ରେକର୍ଡ ସୃଷ୍ଟି କଲାଣି। ଅତ୍ୟଧିକ ନିଶା କାରବାର ସାଙ୍ଗକୁ ଜୀବନଶୈଳୀରେ ପରିବର୍ତ୍ତନ ଏବଂ ଆଧୁନିକତାର ଛାପ ଏହାର ମୁଖ୍ୟ କାରଣ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ସେହିଭଳି ଭାରତରେ ପ୍ରତି ୫ଜଣରେ ୩ଜଣ, ଆମେରିକାରେ ପ୍ରତି ୪ଜଣରେ ଜଣେ କର୍କଟ ରୋଗୀ ମୃତ୍ୟୁବରଣ କରୁଥିବା ବେଳେ ଚୀନ୍‌ରେ ପ୍ରତି ୨ଜଣରେ ଜଣେ କର୍କଟ ରୋଗୀ ଆଖି ବୁଜି ଦେଉଛନ୍ତି। ଲାନ୍‌ସେଟ ରିଜିଓନାଲ ହେଲ୍‌ଥ ସାଉଥଇଷ୍ଟ ଏସିଆ ପତ୍ରିକାରେ ଏଭଳି ଅନେକ ତଥ୍ୟ ପ୍ରକାଶ ପାଇଛି। ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ ବା ଆଇସିଏମ୍ଆର୍ ଅଧ୍ୟୟନରୁ ଜଣାପଡେ ଯେ, ସମଗ୍ର ବିଶ୍ୱରେ ଏବେ ସର୍ବାଧିକ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ଏମିତିକି ଦେଶଓ୍ୱାରୀ କର୍କଟ ରୋଗୀଙ୍କ ସଂଖ୍ୟା ନେଇ ଯେଉଁ ତାଲିକା କରାଯାଇଛି ସେଥିରେ ତୃତୀୟ ସ୍ଥାନରେ ରହିଛି ଭାରତ। ବିଶ୍ୱର କର୍କଟ ଜନିତ ମୃତ୍ୟୁର ୧୦ପ୍ରତିଶତ କେବଳ ଭାରତରେ ହେଉଛି। ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଭାରତ କର୍କଟଜନିତ ମୃତ୍ୟୁ ପରିଚାଳନା କରିବାରେ ଏକ ମସ୍ତବଡ ଚ୍ୟାଲେଞ୍ଜ ସାମ୍ନା କରିବ। କାରଣ ଗ୍ଲୋବାଲ କ୍ୟାନ୍‌ସର ଅବଜରଭେଟୋରି-୨୦୨୨ ଏବଂ ଗ୍ଲୋବାଲ ହେଲ୍‌ଥ ଅବଜରଭେଟୋରି ତଥ୍ୟ ଆଧାରରେ ୨୦ବର୍ଷ ମଧ୍ୟରେ ୩୬ପ୍ରକାର କର୍କଟ ରୋଗ ଉପରେ ପରୀକ୍ଷଣ ହୋଇଥିଲା ଏବଂ କର୍କଟ ରୋଗ ଜନିତ ମୃତ୍ୟୁ ପ୍ରତିବର୍ଷ ବୃଦ୍ଧି ପାଉଥିବା ଏହି ପରିକ୍ଷଣ ବେଳେ ବିଶେଷଜ୍ଞ ଟିମ୍ ଜାଣି ପାରିଥିଲେ। କେବଳ ଏତିକି ନୁହେଁ ପରୀକ୍ଷଣରୁ ଆଉ କିଛି ଚିତ୍ର ମଧ୍ୟ ସାମ୍ନାକୁ ଆସିଛି। ଉଭୟ ପୁରୁଷ ଓ ମହିଳାଙ୍କୁ ପ୍ରଭାବିତ କରୁଥିବା ୫ଟି ସାଧାରଣ କର୍କଟ ରୋଗ ସମୂହ ଭାରତରେ କର୍କଟ ବୋଝର ୪୪ ପ୍ରତିଶତ। ପୁରୁଷଙ୍କ ଅପେକ୍ଷା ମହିଳାମାନେ ଏ କ୍ଷେତ୍ରରେ ଅଧିକ ଜଟିଳ ସ୍ଥିତିକୁ ସାମ୍ନା କରୁଛନ୍ତି। ମହିଳାଙ୍କ ପାଇଁ ଏବେ ସବୁଠୁ ବଡ କାଳ ସାଜିଛି ସ୍ତନ କର୍କଟ ରୋଗ। ଯଦିଓ ଏହି ସ୍ତନ କର୍କଟ ଉଭୟ ପୁରୁଷ ଓ ମହିଳାଙ୍କୁ ହୋଇଥାଏ ମାତ୍ର ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି ମହିଳା।



ସ୍ତନ କର୍କଟ ସାଙ୍ଗକୁ ତାଳ ଦେଇ ବଢ଼ି ଚାଲିଛି ଗର୍ଭାଶୟ କର୍କଟ। କିନ୍ତୁ ଗର୍ଭାଶୟ କର୍କଟଠାରୁ ଆଉ ଦୁଇପାଦ ଆଗରେ ଅଛି ସ୍ତନ କର୍କଟ। ବାର୍ଷିକ ନୂଆ ମାମଲାରେ ଗର୍ଭାଶୟ କ୍ୟାନ୍‌ସର ୯.୨ ପ୍ରତିଶତ ଥିବା ବେଳେ ସ୍ତନ କର୍କଟ ୧୩.୮ ପ୍ରତିଶତ ବୋଲି ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ଏହି ରୋଗ ବଢ଼ିବାରେ ନିର୍ଦ୍ଦିଷ୍ଟ କାରଣ ସଂପର୍କରେ ରିପୋର୍ଟରେ କିଛ ଉଲ୍ଲେଖ ନଥିବା ବେଳେ ଅତ୍ୟାଧୁନିକ ଜୀବନଶୈଳୀ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ବାର୍ଷିକ ହାରରେ ଯେଉଁଭଳି କର୍କଟ ଜନିତ ମୃତ୍ୟୁ ହେଉଛି ସେଥିରେ ୨୪ପ୍ରତିଶତ ସ୍ତନ କର୍କଟ ପାଇଁ ହେଉଛି। ସେହିଭଳି ପୁରୁଷମାନଙ୍କ ସ୍ଥିତିକୁ ବିଚାର କଲେ ସେମାନଙ୍କ ଶରୀରରେ ଯେତେ ପ୍ରକାର କର୍କଟ ଚିହ୍ନଟ କରାଯାଉଛି ସେଥିରେ ସର୍ବାଗ୍ରେ ରହିଛି ମୁଖ ଗହ୍ୱର କର୍କଟ। ନୂଆ ମାମଲାରେ ଏହି କର୍କଟ ରୋଗୀଙ୍କ ସଂଖ୍ୟା ହେଉଛି ୧୬ପ୍ରତିଶତ। ଏହା ପଛକୁ ଅଛି ଶ୍ୱାସନଳୀ ଜନିତ କର୍କଟ। ପ୍ରତିବର୍ଷ ଯେତେ ପ୍ରକାର କର୍କଟ ରୋଗୀ (ପୁରୁଷ) ଚିହ୍ନଟ ହେଉଛନ୍ତି ସେଥିରେ ୯ପ୍ରତିଶତ ଶ୍ୱାସନଳୀ ଜନିତ ଏବଂ ୭ ପ୍ରତିଶତ ଖାଦ୍ୟନଳୀ ବା ପାକସ୍ଥଳୀଜନିତ ରହିଛି। ପ୍ରାୟତଃ ବୟସ୍କ ଲୋକମାନେ ସର୍ବାଧିକ ଏହି ତିନି ପ୍ରକାର କର୍କଟ ରୋଗରେ ପିଡିତ ହେଉଛନ୍ତି। ଏହି ତିନୋଟି ମୁଖଗହ୍ୱର, ଶ୍ୱାସନଳୀ ଏବଂ ଖାଦ୍ୟନଳୀ ଜନିତ କର୍କଟର କାରଣ ସଂପର୍କରେ ବିଶେଷଜ୍ଞମାନେ ସର୍ଭେ ରିପୋର୍ଟରେ ସେଭଳି କିଛି ଦର୍ଶାଇନଥିଲେ ହେଁ ଏହା ମୁଖ୍ୟତଃ ଧୁମ୍ରପାନ, ନିଶାସେବନ, ପାନ ଓ ଗୁଟ୍‌କାର ଅତ୍ୟଧିକ ବ୍ୟବହାର ସହିତ ବାୟୁମଣ୍ଡଳ ପ୍ରଦୂଷଣ ପାଇଁ ହୋଇଥାଏ ବୋଲି କୁହାଯାଉଛି। ତେଣୁ ବର୍ତ୍ତମାନ ପରିସ୍ଥିତିରେ ଏବେ ଆମ ମାନଙ୍କୁ ଅଧିକ ସଚେତନ ରହିବାର ଆବଶ୍ୟକତା ରହିଛି। ଖାଦ୍ୟପେୟଠାରୁ ଆରମ୍ଭ କରି ଅତ୍ୟାଧୁନିକ ଜୀବନଶୈଳୀ ସବୁ କ୍ଷେତ୍ରରେ ସଜାଗ ରହିବାର ସମୟ ଆସିଯାଇଛି। ଲକ୍ଷଣ ଦେଖିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ, ରୋଗ ଆରମ୍ଭରୁ ଉପଚାର ଏବଂ କର୍କଟରୋଗୀଙ୍କୁ ହତାଦାର କରାନଯିବା ଆମ ସମାଜର ମୁଖ୍ୟ କର୍ତ୍ତବ୍ୟ ପାଲଟିଯାଇଛି।

**ବରିଷ୍ଠ କର୍କଟ ରୋଗ**
**ବିଶେଷଜ୍ଞ**
**ଏମ୍ସ, ଭୁବନେଶ୍ୱର**

## ସମ୍ବଲପୁର ଜିଲ୍ଲାରେ ପ୍ରଥମ ଅଂଶୁଘାତ ମୃତ୍ୟୁ ଅଭିଯୋଗ



**ସମ୍ବଲପୁର,(ଡିକେ ନ୍ୟୁଜ):** ସମ୍ବଲପୁର ଜିଲ୍ଲାରେ ପ୍ରଥମ ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ଖବର ମିଳିଛି। ଏନେଇ ପରିବାର ପକ୍ଷରୁ ଗଣମାଧ୍ୟମକୁ ଖବର ଦେଇ ପୁଅର ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ଅଭିଯୋଗ କରାଯାଇଛି। ସୂଚନା ମତେ ରେଙ୍ଗାଲି ମାଉଲି ନଗରରେ ରହୁଥିବା ରାଜୁ ଖଣ୍ଡେକରଙ୍କ ପୁଅ ଅନିଲ ଖଣ୍ଡେକର (୨୯)ଙ୍କ ମୃତ୍ୟୁବରଣ ହୋଇଛି। ଅନିଲ ୨୦ ତାରିଖ ରବିବାର ଦିନ ୧୧ଟା ସମୟରେ ଘରୁ ରେଙ୍ଗାଲି ବଜାରକୁ କିଛି ଜିନିଷ କିଣିବାକୁ ଯାଇ ଅପରାହ୍ନ ୨ଟା ବେଳେ ଘରକୁ ଫେରିଲା ପରେ ଅସୁସ୍ଥ ଅନୁଭବ କରିଥିଲେ। ଘର ଲୋକେ ଖରାରେ ଆସିଛୁ ପାଣି ପିଇ ଆରାମ କର ଭଲ ଲାଗିବ ବୋଲି କହିଥିଲେ। ପରେ ତାଙ୍କ ଦେହରେ ଉଷ୍ମତା ବଢିଥିଲା ଏବଂ ପ୍ରାୟ ୫ଟା ସମୟରେ ଘରେ ତାଙ୍କର ମୃତ୍ୟୁ ହୋଇଥିଲା। ରବିବାର ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଂଶୁଘାତରେ ଅନିଲଙ୍କ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ ଜିଲ୍ଲା ପ୍ରଶାସନ ନିକଟରେ ଏନେଇ କୌଣସି ଖବର ନାହିଁ। ଘରର ରୋଜଗାରିଆ ପୁଅର ଅକାଳ ବିୟୋଗରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଅନିଲ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

## ନାବାଳିକା ଦୁଷ୍କର୍ମ ମାମଲା : ଦୋଷୀକୁ ୧୦ବର୍ଷ କାରାଦଣ୍ଡ

**ସମ୍ବଲପୁର,(ଡିକେ ନ୍ୟୁଜ):** ସମ୍ବଲପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ବିଚାରପତି ଅଭିଳାଶ ସେନାପତି ଏକ ୧୭ବର୍ଷିଆ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ରାୟ ପ୍ରଦାନ କରିଛନ୍ତି । ଦୋଷୀ ଡିଲେଶ୍ୱର ରଣା(୨୪)ଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା କରିଥିବା ବେଳେ ଅର୍ଥ ଅନାଦେୟ ଦେଲେ ଅଧିକ ୬ମାସ ଦଣ୍ଡାଦେଶ ରହିଛି। ସୂଚନା ଯୋଗ୍ୟ, ଯୁଯୋମୁରା ଥାନା ଅନ୍ତର୍ଗତ ପଡିଆ ବଡମାଲ ଗ୍ରାମର ନାବାଳିକା ଜଣକ ଗତ ୨୯ ଅଗଷ୍ଟ, ୨୦୧୯ରେ ପୋଖରୀକୁ ଅପରାହ୍ନ ୧ଟାରେ ଲୁଗା ସଫା କରିବାକୁ ଯାଇଥିଲା। ଫେରିବା ବାଟରେ ସେହି ଗ୍ରାମର ଡିଲେଶ୍ୱର ତାକୁ ଏକାକୀ ପାଇ ବଳପୂର୍ବକ ଜଙ୍ଗଲକୁ ନେଇ ଯାଇଥିଲା। ସେଠାରେ ଦୁଷ୍କର୍ମ କରିବା ସହ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏନେଇ ପୀଡିତା ଜଣକ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଅବଗତ କରିଥିଲେ। ଏହାର ଦିନକ ପରେ ପୀଡିତାଙ୍କ ବାପା ଯୁଯୋମୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଡିଲେଶ୍ୱରକୁ ଗିରଫ କରିଥିଲା। ମୋଟ ୧୫ଜଣ ସାକ୍ଷ୍ୟ ବୟାନକୁ ଭିତ୍ତି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

## ଗଜପତିରେ ଚାଞ୍ଚଲ୍ୟ : ୪ ର୍ଥ ସ୍ତ୍ରୀକୁ ହତ୍ୟା କରି ସ୍ୱାମୀ ଗିରଫ



**ପାରଳାଖେମୁଣ୍ଡି,(ଡିକେ ନ୍ୟୁଜ):** ଗଜପତି ଜିଲ୍ଲାରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ନୃଂଶସ ସ୍ୱାମୀ ନିଜର ଚତୁର୍ଥ ପତ୍ନୀଙ୍କୁ ହତ୍ୟା କରିଛି। ହତ୍ୟା ଅଭିଯୋଗରେ ସ୍ୱାମୀକୁ ଗିରଫ କରିଛି ପୁଲିସ। ଘଟଣାରୁ ପ୍ରକାଶ, ଗଜପତି ଜିଲା ଗାରାବନ୍ଧ ଥାନା ଗଣ୍ଡାହାତୀ ନିକଟସ୍ଥ ଆଡାଗାଁରେ ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ପ୍ରକାରେ ଆଡାଗାଁର ମଙ୍ଗଳା ବଡମୁଣ୍ଡି ଚାରି ଜଣ ମହିଳାଙ୍କୁ ବିବାହ କରିଥିଲେ। ପୂର୍ବରୁ ପ୍ରଥମ ଦ୍ୱିତୀୟ ସ୍ତ୍ରୀର ମୃତ୍ୟୁ ହୋଇଥିବା ବେଳେ ତୃତୀୟ ଓ ଚତୁର୍ଥ ସ୍ତ୍ରୀ ସହିତ ବସବାସ କରୁଥିଲେ। ଚଳିତ ମାସ ୧୨ ତାରିଖ ଦିନ ଚତୁର୍ଥ ସ୍ତ୍ରୀ ଚିନାମି ବଡମୁଣ୍ଡିଙ୍କ ସହ ଝଗଡା ପରେ ମାଡ ମାରିବାରୁ ସେ ଗୁରୁତର ହୋଇଥିଲେ। ଚିନାମି ଗୁରୁତର ଥିଲେ ସୁଦ୍ଧା ଚିକିତ୍ସା ନିମନ୍ତେ ଚିକିତ୍ସାଳୟକୁ ନେଇ ନଥିଲେ। ଏନେଇ ପରିବାରର ଅନ୍ୟାନ୍ୟ ସଦସ୍ୟ ଚିନାମୀଙ୍କୁ ଚିକିତ୍ସା ପାଇଁ ଉଦ୍ୟମ କରିଥିଲେ ମଧ ସେମାନଙ୍କୁ ମଙ୍ଗଳା ବଡମୁଣ୍ଡି ଯିଏ ଚିକିତ୍ସା ପାଇଁ ନେବ ତାକୁ ମାରିଦେବି ବୋଲି ଧମକ ଦେବା ସହ ଗାଳିଗୁଲଜ କରୁଥିଲା। ତେଣୁ କେହି ତାର ଚତୁର୍ଥୀ ପତ୍ନୀକୁ ଭୟରେ ଚିକିତ୍ସା ପାଇଁ ନେବାକୁ ସାହସ କରି ନ ଥିଲେ ବୋଲି ଅଞ୍ଚଳର ଲୋକେ କହିଛନ୍ତି। ତେବେ ନିଜ ପରିବାର ମଧ୍ୟରେ ଏପରି ବିବାଦ ମଧ୍ୟରେ ଗୁରୁତର ଥିବା ଚିନାମୀଙ୍କ ଚିକିତ୍ସା ନହେବାରୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହୋଇପଡିଥିଲା। ଗତ ରବିବାର ଦିନ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଚିନାମିଙ୍କ ପୁଅ ଦାମୋଦର ବଡମୁଣ୍ଡି ଗାରାବନ୍ଧ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିସିକାଙ୍କ ନେତୃତ୍ୱରେ ସଦଳବଳେ ଘଟଣର ତଦନ୍ତ ଆରମ୍ଭ କରି ମଙ୍ଗଳାକୁ ଧରିବାକୁ ପୋଲିସ ପ୍ରୟାସ ଆରମ୍ଭ କରିଥିଲେ। ହେଲେ ମଙ୍ଗଳା ନିଜ ଗ୍ରାମ ତଥା ଘରୁ ଚମ୍ପଟ ମାରିଥିଲା। ପୁଲିସ ଟିମ୍ ଖୋଜାଖୋଜି ପରେ ପାହାଡ ଉପରୁ ତାଙ୍କୁ ଗିରଫ କରିଛି । ପଚରା ଉଚରା ସମୟରେ ମଙ୍ଗଳା ସମସ୍ତ ଘଟଣା ସମ୍ପର୍କରେ ସ୍ୱୀକାର କରିଥିବାର ଜଣାପଡିଛି। ଏନେଇ ଗାରାବନ୍ଧ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବାର ଥାନା ସୂତ୍ରରୁ ସୂଚନା ମିଳିଛି।

## ଯୋଡ଼ା ଖଣି ଅଞ୍ଚଳରେ ଦିନକୁ ଦିନ ସଡ଼କ ଦୁର୍ଘଟଣା ବୃଦ୍ଧି



**କେନ୍ଦୁଝର,(ଡିକେ ନ୍ୟୁଜ):** କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ଅଞ୍ଚଳରେ ଦିନକୁ ଦିନ ସଡ଼କ ଦୁର୍ଘଟଣା ହେଉଥିବା ବେଳେ ଛୋଟ ବଡ ଦୁର୍ଘଟଣାରେ ପ୍ରତିଦିନ ଅଭିଯୋଗ ହେଉଛି। ଲୋଇଡା ପଦା ଗ୍ରାମ ପଞ୍ଚାୟତରୁ ସଂଯୋଗ କରୁଥିବା ସାନିନ୍ଦପୁରକୁ ରାସ୍ତା ସବୁ ଦିନ ୧୬ ଚକିଆ ୨୨ ଚକିଆ ଲଇଡାପଦା ଓଭରବ୍ରିଜରୁ ସାନିନ୍ଦପୁର ରୁଙ୍ଗଟା ଖଣିକୁ ଲୋଡିଙ୍ଗ କରିବାକୁ ଯିବା ପାଇଁ ଦୁଇ ପାର୍ଶରେ ଥିବା ମୁଖ୍ୟ ରାସ୍ତାକୁ ସବୁବେଳେ ଅବରୋଧ କରି ରଖିଛନ୍ତି। ଏହି ଅଞ୍ଚଳରେ ଅତ୍ୟଧିକ ଟ୍ରଲର ଗାଡି ଚାଲୁଥିବାରୁ ରାସ୍ତା ସବୁବେଳେ ଜାମ ରହୁଛି। ଲୋଇଡାପୋଦାରେ ଥିବା ଆଶ୍ରମ ସ୍କୁଲ କାଟେସାହିରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ କଲମଙ୍ଗରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଏହି ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀମାନେ ଯିବା ଆସିବା ପାଇଁ ପ୍ରତ୍ୟେକ ଦିନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସାନିନ୍ଦପୁରରେ ଥିବା ରୁଙ୍ଗଟା କମ୍ପାନୀର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅନୁରୋଧ କରିଲେ ମଧ ସେମାନେ କାହା କଥା ଶୁଣୁ ନାହାନ୍ତି। ଏବଂ ଏହି ଅଞ୍ଚଳରେ ଯେଉଁମାନେ ନିଜର କ୍ଷମତା ବଳରେ ଗାଡିଟିଏ କରିଛନ୍ତି ସେମାନଙ୍କୁ ଲୋଡିଙ୍ଗ ମଧ୍ୟ କରିବାକୁ ଦେଉ ନାହାନ୍ତି। ଅଞ୍ଚଳବାସି କହିବା ଅନୁଯାଇ ସ୍ଥାନୀୟ ସରପଞ୍ଚଙ୍କୁ ମଧ୍ୟ ଅନୁରୋଧ କରିଥିଲେ କିନ୍ତୁ ସେ ମଧ୍ୟ କାହା କଥା ଶୁଣୁ ନାହାନ୍ତି।

# ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଟାଟା ପାୱାରର ଖାତିର ନାହିଁ

## ସାରା ସମ୍ବଲପୁର ଜିଲ୍ଲାରେ ଚାଲିଛି ଲାଇନ କାଟ୍ : ଜନଜୀବନ ଅସ୍ତବ୍ୟସ୍ତ

**ସମ୍ବଲପୁର,(ଡିକେ ନ୍ୟୁଜ):** ରାଜ୍ୟରେ ବିଦ୍ୟୁତ କାଟ ହେବନି। ଗ୍ରୀଷ୍ମପ୍ରବାହ ସମୟରେ କାହାର ବି ବିଦ୍ୟୁତ୍ କାଟ କରାଯିବ ନାହିଁ। ଉପଭୋକ୍ତା ବକେୟା ବିଲ୍ ପ୍ରଦାନ କରିନଥିଲେ ମଧ୍ୟ ଲାଇନ କଟିବନି। ମଙ୍ଗଳବାର ଏଭଳି ବଡ଼ ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ। କିନ୍ତୁ ଉପମୁଖ୍ୟମନ୍ତ୍ରୀଙ୍କ ଏଭଳି ନିର୍ଦ୍ଦେଶ କାମ କରୁନି ସମ୍ବଲପୁର ଜିଲ୍ଲାରେ। ସମ୍ବଲପୁର ସହର ସହିତ ବୁର୍ଲା, ହୀରାକୁଦ, କୁଚିଣ୍ଡା, ରେଢ଼ାଖୋଲ ସହର ସମେତ ପୁର ପଲ୍ଲୀରେ ଘଡିକେ ଘଡି, ତୁହାକୁ ତୁହା ବିଜୁଳିର ଲୁଚକାଳୀ ଖେଳ ଅତିଷ୍ଠ କଲାଣି ବିଦ୍ୟୁତ ଉପଭୋକ୍ତାମାନଙ୍କୁ। ବୁର୍ଲା ଭୀମସାର ବି ଏଥିରୁ ବର୍ତ୍ତିନି। ବୁର୍ଲା ଭୀମସାର ପରି ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟରେ ମଧ ସମାନ ଅବସ୍ଥା। ଦୀପତଳ ଅନ୍ଧାର ପରି ବୁର୍ଲା, ହୀରାକୁଦ ଓ ସମ୍ବଲପୁରର ଅବସ୍ଥା। ସମ୍ବଲପୁର ଜିଲା ହୀରାକୁଦ ସାରା ଓଡିଶା ସହିତ ଅନ୍ୟ ରାଜ୍ୟକୁ ବିଜୁଳି ସେବା ଯୋଗାଇ ବିଦ୍ୟୁତ ବଳକା ହେଇଥିବା ବେଳେ ସମ୍ବଲପୁର ଜିଲ୍ଲାରେ ବିଜୁଳି ସେବା ପାଇଁ ଗ୍ରାହକଙ୍କ ମନରେ ଥିବା ପିଞ୍ଜିଭୂତ କୋହ କେତେବେଳେ କେଉଁ ରୂପ ଧାରଣ କରିବ ତାହା କହିହେବ ନାହିଁ। ତେଣୁ ରାଜ୍ୟ ସରକାର ସମ୍ବଲପୁର ଜିଲ୍ଲାର ଏହି ମୁଖ୍ୟ ସମସ୍ୟା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବିଦ୍ୟୁତ ଉପଭୋକ୍ତାଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିବାକୁ ବୁଦ୍ଧିଜୀବୀ ମହଲରେ ଗୁରୁତ୍ୱ ଦିଆଯାଉଛି। ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ପାୱାର କଟ୍ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କେଭି ସିଂହଦେଓ। କିନ୍ତୁ ମନ୍ତ୍ରୀଙ୍କ ଏଭଳି ନିର୍ଦ୍ଦେଶ ପ୍ରଭାବ ଶୂନ୍ୟ ହୋଇଛି ସମଗ୍ର ସମ୍ବଲପୁର ଜିଲ୍ଲାରେ। କୌଣସି ଉପଭୋକ୍ତା ବିଦ୍ୟୁତ୍ ବିଲ୍ ପୈଠ କରିନଥିଲେ ବି ଗ୍ରୀଷ୍ମପ୍ରବାହ ସମୟରେ ତାଙ୍କର ବିଦ୍ୟୁତ୍ କାଟ କରାଯିବନି ବୋଲି ମନ୍ତ୍ରୀ କହିଥିଲେ ବି ଏରିଅର ବିଲ ବାହାନା ଦେଖାଇ ଟିପିଡ଼ବ୍ଲୁଡ଼ିଏଲ କିନ୍ତୁ ଉପଭୋକ୍ତାଙ୍କ ବକେୟା ବିଲ୍ ପରିଶୋଧ ନକରିବା କାରଣ ଦେଖାଇ ଗୋଟିଏ ପରେ ଗୋଟିଏ ଲାଇନ କାଟିବାରେ ଲାଗିଛି। ଏହାକୁ ନେଇ ଜନ ଅସନ୍ତୋଷ ଲାଗି ରହିଥିଲେ ବି ସରକାରୀ କଟକଣାରୁ ମୁକ୍ତ ଥିବା ପରି ଟାଟା ପାୱାର ତାର କରାମତି ଦେଖାଇ ଚାଲିଛି। ସରକାର କିମ୍ବା ମନ୍ତ୍ରୀ କାହାକୁ ଖାତିର କରୁନଥିବା ତାର ଏଭଳି ମନୋଭାବ ଓ କାର୍ଯ୍ୟାନୁଷ୍ଠାନରୁ ସ୍ପଷ୍ଟ ହେଉଛି। କାଳବୈଶାଖୀ ଯୋଗୁଁ କିଛି ସ୍ଥାନରେ ବିଦ୍ୟୁତ କାଟ ହେଉଥିଲା। କିନ୍ତୁ ସାମାନ୍ୟ ପବନ ବହିଲେ ପୁର ପଲ୍ଲୀ ସହିତ ସମ୍ବଲପୁର ସହରରେ ବିଦ୍ୟୁତ ସେବା ବ୍ୟାହତ ହେଉଛି। ବିଜୁଳିର ଲୁଚକାଳୀ ଖେଳ ନିତିଦିନିଆ ହେଲାଣି। କୌଣସି କାରଣ ନଥାଇ ଦିନକୁ ଏକାଧିକ ଥର ବିଜୁଳି ଦେଖାଉଛି ତାର ଲୁଚକାଳୀ ଖେଳ। କାଳବୈଶାଖୀ ପରେ ରାଜ୍ୟରେ ପୁଣି ପ୍ରଚଣ୍ଡ ତାତି ଫେରିଛି। ଦିନ ବେଳା ଘରୁ ବାହାରିବା ତ ଦୂରର କଥା ଗରମ ଗୁଳିଗୁଳିରେ ଘରେ ରହିବା ବି କଷ୍ଟକର ହୋଇପଡୁଛି। ରାଜ୍ୟରେ ଏବେ ତାପମାତ୍ରା ଉପରମୁହାଁ ଥିବା ବେଳେ ଟାଟା ପାୱାର ଯଦି ନିଜର ସେବା ନ ଯୋଗାଇ ନିଜର କରାମତି ଦେଖାଇବ ତେବେ ଏହା ଆଗକୁ ବିପଦର କାରଣ ହୋଇପାରେ। ପଡିଆବାହଲ ସେକ୍ସନର ବଡ଼ତୁରାଙ୍ଗ ଗ୍ରାମର ଶି ମେହେର ନାମକ ଜନୈକ ବିଦ୍ୟୁତ ଉପଭୋକ୍ତା ଗତ ୫ ଦିନ ତଳେ ୧୫ ହଜାର ଟଙ୍କା ବକେୟା ବିଲ ପରିଶୋଧ କରିଥିଲେବି ତାଙ୍କୁ ବିଦ୍ୟୁତ ସଂଯୋଗ ଦିଆଯାଇନି। ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲେ ଆଜି କାଲି କହି ସମୟ ଗଡୁଛି। ଏଭଳି ଗଣ୍ଡା ଗଣ୍ଡା ଅଭିଯୋଗ ବିଦ୍ୟୁତ ଉପଭୋଟା ସଂଘକୁ ପହଞ୍ଚିଛି। ସଂଘ ମଧ୍ୟ ଉପଭୋକ୍ତା ଓ କମ୍ପାନୀ ସହିତ ସାମନ୍ୱୟ ରଖି ସମସ୍ୟା ଟାଳିବାକୁ ପ୍ରୟାସ କରୁଛି। କିନ୍ତୁ ବିଭାଗୀୟ ସହଯୋଗ ମିଳୁନଥିବାରୁ ଓ ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଟିପିଡ଼ବ୍ଲୁଡ଼ିଏଲ ଯଦି ତାର ମନୋଭାବରେ ପରିବର୍ତ୍ତନ ଆଣି ବିଦ୍ୟୁତ ସଂଯୋଗ ନଦିଏ ତେବେ ଜନ ଜୀବନରେ ସାଙ୍ଘାତିକ ସମସ୍ୟା ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ସମ୍ବଲପୁର ଜିଲ୍ଲାର ପ୍ରାୟ ସବୁ ସେକ୍ସନରେ ଏଭଳି ଲମ୍ବା ଅଭିଯୋଗ ରହିଛି। ବିଭାଗୀୟ ଅଧିକାରୀ ମାନେ ବିଛିନ୍ନ କରିଥିବା ବିଦ୍ୟୁତ ଉପଭୋକ୍ତାଙ୍କୁ ଅବିଳମ୍ବେ ବିଦ୍ୟୁତ ସଂଯୋଗ ଦେବାକୁ ଜିଲ୍ଲା ବିଦ୍ୟୁତ ଉପଭୋକ୍ତା ସଂଘର ଆବାହକ ଡାକ୍ତର ରାଜାରାମ ଷଡ଼ଙ୍ଗୀ ନିବେଦନ କରିଛନ୍ତି। ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଗୁଳଗୁଳି ଜୀବନ ଧାରଣ ପାଇଁ ଦୁର୍ବିସହ ହେଉ ଥିବାରୁ ମାନବିକତା ଦୃଷ୍ଟିକୋଣରୁ ଟାଟା ପାୱାର କିଛି ସମୟ ନରମି ଯାଇ ଲୋକଙ୍କ ଜୀବନ ଯନ୍ତ୍ରଣା ସମୟରେ ସହଯୋଗ କରିବାକୁ ଡାକ୍ତର ଷଡ଼ଙ୍ଗୀ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରି ନିୟମିତ ବିଦ୍ୟୁତ ସେବା ଅବ୍ୟାହତ ରଖିବାକୁ ଯତ୍ନଶୀଳ ହେବେ ବୋଲି ଆଶା ପ୍ରକାଶ କରିଛନ୍ତି। ଯଦି ଏଥିରେ ବିଳମ୍ବ ହୋଇ ଜନ ଜୀବନରେ ବିପଦ ଆସେ ତେବେ ସମସ୍ତ ବିଦ୍ୟୁତ ଉପଭୋକ୍ତାଙ୍କ ଅଭିଯୋଗକୁ ନେଇ ଗୋଟିଏ ଦିନରେ ଏକାଧିକ କଞ୍ଜୁମର କେଶ କରି ସଂଘ ବିକଳ୍ପ ସେବା ପାଇଁ ବାଧ ହେବ।




## ଋଣ କରାଇ ଦେବା ନାଁରେ ୩ ଲକ୍ଷ ଟଙ୍କା ଠକେଇ : ଅଭିଯୁକ୍ତ କୋର୍ଟ୍ ଚାଲାଣ



**ମୁନିଗୁଡା,(ଡିକେ ନ୍ୟୁଜ):** ଅନ୍‌ଲାଇନ୍ ଏବଂ ବ୍ୟାଙ୍କ୍ ମାଧ୍ୟମରେ ଋଣ କରାଇ ଦେବାକୁ ବିଭିନ୍ନ ପ୍ରଲୋଭନ ଦେଖାଇ ନିରୀହ ଗ୍ରାମବାସୀଙ୍କଠାରୁ ପାଖାପାଖି ୩ ଲକ୍ଷ ଟଙ୍କା ଲୁଟ୍ ଅଭିଯୋଗରେ ପୀତାମ୍ବର ନାଏକ (୨୮) ନାମକ ଜଣେ ଯୁବକଙ୍କୁ ଅମ୍ବାଦଳା ଥାନା ପୁଲିସ ଗିରଫ କରିଛି। ପୀତାମ୍ବର ଘର ଅନୁଗୁଳ ଜିଲ୍ଲା ଛେଣ୍ଡିପଦା ଥାନା ଅନ୍ତର୍ଗତ ପୁରୁଣଗୁଡା ଗ୍ରାମର ବୋଲି ଜଣାପଡ଼ିଥିବା ବେଳେ ଆଜି ତାଙ୍କୁ କୋର୍ଟ ଚାଲାଣ କରଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ପିତାମ୍ବର କିଛି ମାସ ପୂର୍ବେ ଅମ୍ବାଦଳା ଥାନା ଅଧୀନସ୍ଥ ଘମଟଗୁଡା ଅଞ୍ଚଳରୁ ପ୍ରାୟ ୨୩ ଜଣଙ୍କଠାରୁ ପାଖାପାଖି ୩ ଲକ୍ଷ ଟଙ୍କା ଠକି ନେଇଛନ୍ତି। ନିଜକୁ ଏକ ବୀମା କମ୍ପାନୀର ଲୋନ୍ ଏଜେଣ୍ଟ୍ ପରିଚୟ ଦେଇ ଋଣ କରାଇ ଦେବାର ଲୋଭ ଦେଖାଇ ଟଙ୍କା ଠକି ନେଇଥିଲା। ତେବେ ଲୋକଙ୍କୁ ଋଣ ନ ମିଳିବାରୁ ଏବଂ ପିତାମ୍ବର ମୋବାଇଲ ବନ୍ଦ କରି ରଖୁଥିବାରୁ ଲୋକଙ୍କ ସନ୍ଦେହ ହୋଇଥିଲା। ଏ ନେଇ ଘମଟଗୁଡା ଗ୍ରାମବାସୀ ଓ ବିଷମ କଟକ ଥାନା ଅନ୍ତର୍ଗତ ଖମ୍ଭେଶି ଗ୍ରାମର ବିଦ୍ୟାଧର କନ୍ଧପାଣି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅମ୍ବାଦଳା ଥାନା ଆଇଆଇସି କଳ୍ପନା ବେହେରା ପିତମ୍ବରକୁ ଗିରଫ କରି ମାମଲା ରୁଜୁ କରିବା ସହ କୋର୍ଟ ଚାଲାଣ କରିଛି। ରାୟଗଡ ଜିଲ୍ଲା ମୁନିଗୁଡା ବ୍ଲକ ଅନ୍ତର୍ଗତ ଘମଟଗୁଡା ଅଞ୍ଚଳ ଉପାନ୍ତ ଓ ଅନୁନ୍ନତ ହୋଇଥିବା ବେଳେ ସମସ୍ତେ ନିରୀହ ଓ ଗରିବ ଶ୍ରେଣୀର ଅଟନ୍ତି। ଏହାର ସୁଯୋଗ ନେଇ ଉକ୍ତ ଠକ ଜଣଙ୍କ ଲୋକଙ୍କୁ ବିଭିନ୍ନ ପ୍ରକାର ଲୋଭ ଦେଖାଇଥିଲା। ଲୋନ ଲୋଭରେ ପଡ଼ି ଧାର କରଜ କରି ୨୩ ଜଣ ଲୋକ ୫ ହଜାରରୁ ଆରମ୍ଭ କରି ୭୦ ହଜାର ପର୍ଯ୍ୟନ୍ତ ପାଖାପାଖି ୩ ଲକ୍ଷ ଟଙ୍କା ଉକ୍ତ ଠକ ହାତରେ ବଢ଼ାଇ ଦେଇଥିଲେ। କିଛି ଦିନ ପରେ ଠକ ପିତାମ୍ବର କୁଆଡେ ଅଦୃଶ୍ୟ ହେବା ସହ ତାର ଫୋନ୍ ସୁଇଚ ଅଫ୍ ହେବାରୁ ଲୋକଙ୍କ ସନ୍ଦେହ ହେବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ ଗ୍ରାମବାସୀ।

## ଜୁଆ ଆଡ୍ଡା ଉପରେ ପୋଲିସର ଚଢ଼ାଉ : ୨୩ ଗିରଫ



**ନୂଆପଡା,(ଡିକେ ନ୍ୟୁଜ):** ନୂଆପଡା ଜିଲ୍ଲା କୋମନା ଥାନା ଅନ୍ତର୍ଗତ ଜେଠୁପାଲି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଚାଲୁଥିବା ଏକ ଜୁଆ ଆଡ୍ଡା ଉପରେ କୋମନା ପୋଲିସ ଅତର୍କିତ ଚଢ଼ାଉ କରି ୨୩ ଜଣ ଜୁଆଡିଙ୍କୁ ଗିରଫ କରିଛି। ଖେଳ ଚାଲିଥିବା ଅବସ୍ଥାରେ ଚଢ଼ାଉ କରି ସେହି ସ୍ଥାନରୁ ପୋଲିସ ୪୮୨୨୫ ଟଙ୍କା ୨ଟି ଚାରିଚକିଆ ଜାନ ୧୦ଟି ଦୁଇ ଚକିଆ ଯାନ ୧୬ଟି ମୋବାଇଲ ଫୋନ ୧୩୮ଟି ଲୁଜ ତାସ ପତି ସହ ଦୁଇଟି ନୂଆ ତାସ ପ୍ୟାକେଟ ଗୋଟିଏ ରିଚାରଜେବଲ ଲାଇଟ ଆଦି ଜବତ କରିଥିବାର ସୂଚନା ନିଜେ ନୂଆପଡା ଏସପି ଜିଆର ରାଘବେନ୍ଦ୍ର ଜିଲ୍ଲା ପୋଲିସ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସୂଚନାନୁସାରେ ଗତ ୨୨ ତାରିଖରେ କୋମନା ଥାନା ଅନର୍ଗତ ଜେଠୁପାଲି ଗ୍ରାମର ନିକଟସ୍ଥ ଜଙ୍ଗଲରେ ଜୁଆଖେଳ ଚାଲୁଥିବାର ଏକ ଖବର ବିଶ୍ୱସ୍ତ ସୂତ୍ରରୁ କୋମନା ପୋଲିସର ହସ୍ତଗତ ହୋଇଥିଲା। ନୂଆପଡା ଏସପିଙ୍କ ନିର୍ଦ୍ଦେଶ କ୍ରମେ କୋମନା ଆଇଆଇସି ଏସକେ ନାଏକ ଓ ଶବ ଇନ୍ସପେକ୍ଟର ଅରବିନ୍ଦ ମେହେରଙ୍କ ନେତୃତ୍ୱରେ ଦୁଇଟି ଭିନ୍ନ ଭିନ୍ନ ଦଳ ଗଠନ କରାଯାଇଥିଲା। ରାତି ପ୍ରାୟ ୧୧ଟା ବେଳେ ଚଢ଼ାଉ ଆରମ୍ଭ ହୋଇ ୧୧ଟା୫୫ ସୁଦ୍ଧା ଶେଷ ହୋଇଯାଇଥିଲା। ଗିରଫ ହୋଇଥିବା ୨୩ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଟିକ୍ରାପଡା ନାମକ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ପ୍ରସନ୍ନ ତାଣ୍ଡି ଏହି ଜୁଆଖେଳ ଅନୁଷ୍ଠିତ କରିଆସୁଥିବା କଥା ଏସପି ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ ସୂଚନା ଦେଇଛନ୍ତି। କୋମନା ଥାନା କେଶ ନମ୍ବର ୯୬/୨୫ ୟୁ/ ଏସ ୧୧୧(୪)/୧୧୨(୨)ବିଏନଏସ ଆର/ଡବ୍ଲୁ ସେକ୍ସନ ୩ ଓପିଜି ଏକଟ ୧୯୫୫ ଅନୁଯାୟୀ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ସୂଚନା ମିଳିଛି।

## ହାଇୱା ଚକ ତଳେ ଚାପି ହୋଇ ବାଇକ୍ ଆରୋହୀ ମୃତ

**ତିହିଡ଼ି,(ଡିକେ ନ୍ୟୁଜ):** ଭଦ୍ରକ ଜିଲା ପୀରହାଟ ଥାନା ଅଧୀନ ବିନ୍ଧା ଛକ ନିକଟରେ ଏକ ହାଇୱା ଚକ ତଳେ ଚାପି ହୋଇ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଘଟଣା ପରେ ଉତ୍ତ୍ୟକ୍ତ ଲୋକ କ୍ଷତିପୂରଣ ଦାବିରେ ଭଦ୍ରକ-ଚାନ୍ଦବାଲି ରାସ୍ତାକୁ ୧ ଘଣ୍ଟା ଧରି ଅବରୋଧ କରିଥିଲେ। ଖବର ପାଇ ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା, ତିହିଡ଼ି ଥାନା ଏସଆଇ ପ୍ରବୀଣ ଗିରି, ଏଏସଆଇ କମଳାକାନ୍ତ ଶତପଥି ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ପ୍ରକାଶ ଯେ, ମଙ୍ଗଳବାର ସକାଳେ ନଂ ଓଡି ୦୪ଜେ୯୬୪୪ ଏକ ହାଇୱା ବାଲି ବୋଝେଇ କରି ଭଦ୍ରକରୁ ଚାନ୍ଦବାଲି ଅଭିମୁଖେ ଯାଉଥିଲା। ଏହି ସମୟରେ ସାହାପୁର ପଞ୍ଚାୟତ ଅଧୀନ କଣ୍ଡରଗଡ଼ିଆ ଗ୍ରାମର ରାଜେଶ ଶଙ୍ଖୁଆଙ୍କ ପୁଅ ଉତ୍ତମ ଶଙ୍ଖୁଆ (୨୭) ଭଉଣୀକୁ ତିହିଡ଼ି କଲେଜରେ ଛାଡ଼ି ବାଇକ୍‌ରେ ଘରକୁ ଫେରୁଥିଲେ। ବିନ୍ଧା ଛକ ନିକଟରେ ଅପର ପାର୍ଶ୍ୱରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ମୁହାଁମୁହିଁ ହୋଇ ଉତ୍ତମ ରାସ୍ତାରେ ପଡ଼ି ଯାଇଥିଲେ। ଏହି ସମୟରେ ହାଇୱା ଉତ୍ତମଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ପୁଲିସ ୯୯/୨୫ରେ ଏକ ମକଦ୍ଦମା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୁଲିସ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିଥିବା ବେଳେ ଚାଳକ ଫେରାର ହୋଇଯାଇଥିବା ପୁଲିସ ସୂଚନା ଦେଇଛି। ଉତ୍ତମଙ୍କ ମୃତ୍ୟୁ ଖବର ପାଇବା ପରେ ସାହାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବଳଭଦ୍ର ମାଠ, ବିଜେପି ନେତା ସଂଗ୍ରାମ କେଶରୀ ମହାନ୍ତି, ରତିକାନ୍ତ ମହାକୁଡ଼, ସନାତନ ମିଶ୍ର ପ୍ରମୁଖ ପହଞ୍ଚି ପୁଲିସକୁ ସହଯୋଗ କରି ପରିସ୍ଥିତି ନିୟନ୍ତ୍ରଣ କରିବା ଦିଗରେ ଉଦ୍ୟମ କରିଥିଲେ।

## ଓଡିଶା ସାଂସ୍କୃତିକ ସମାଜ ଦ୍ୱାରା ବିଶ୍ୱ ପୁସ୍ତକ ଦିବସ ପାଳିତ




**ସମ୍ବଲପୁର,(ଡିକେ ନ୍ୟୁଜ):** ସ୍ଥାନୀୟ ଲେଡି ଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଓଡିଶା ସାଂସ୍କୃତିକ ସମାଜ ଆନୁକୁଲ୍ୟରେ ବିଶ୍ୱ ପୁସ୍ତକ ଦିବସ ପାଳନ କରାଯାଇଛି। ସଭାପତି ଡ ପରେଶ ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସର୍ବ ପ୍ରଥମେ କାଶ୍ମୀରର ପହଲଗାମ ଠାରେ ଆତଙ୍କବାଦୀ ଦ୍ୱାରା ୨୮ଜଣ ପର୍ଯ୍ୟଟକଙ୍କୁ ହତ୍ୟା ଘଟଣାକୁ ନିନ୍ଦା କରାଯାଇ, ସେମାନଙ୍କ ଆତ୍ମାର ସଦ୍ ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍କୁଲ ଶିକ୍ଷୟିତ୍ରୀ ଅନୁପମା ପଣ୍ଡା ସମସ୍ତ ଅତିଥିଙ୍କୁ ସ୍ୱାଗତ କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ସୁଜିତ୍ କୁମାର ଲୁହା ଓଡିଶା ସାଂସ୍କୃତିକ ସମାଜର ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ପାଠାଗାର ସମିତି ଆବାହକ ଡ଼ ସତ୍ୟନାରାୟଣ ଠାକୁର ଛାତ୍ରଛାତ୍ରୀ ମାନଙ୍କର ପୁସ୍ତକ ପଠନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ଓଡିଶା ସାଂସ୍କୃତିକ ସମାଜର ଆଭିମୁଖ୍ୟ ଉପରେ ଆଲୋକପାତ କରି ଛାତ୍ରଛାତ୍ରୀମାନଙ୍କ ସଚେତନତା ପାଇଁ ଏପରି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଶିକ୍ଷାବିତ୍ ରାଜେନ୍ଦ୍ର କୁମାର ପଣ୍ଡା ବିଶେଷ କରି ଛାତ୍ର ସମୟରେ ଜ୍ଞାନ ଆହରଣ ପାଇଁ ପୁସ୍ତକ ପଠନର ଆବଶ୍ୟକତା ଉପରେ ବିଭିନ୍ନ ଉଦାହରଣ ଦେଇ ବକ୍ତବ୍ୟ ରଖିଥିଲେ। ସଭାପତି ଡ ଦାନୀ ଏହି ଦିନର ମହତ୍ତ୍ୱକୁ ଉପଲବ୍ଧି କରି ତାର ପ୍ରଚାର ଦିଗରେ ପୁସ୍ତକ ମେଳା ଆୟୋଜନ, ଲେଖକ ତଥା ପ୍ରକାଶକଙ୍କ ଅଧିକାରକୁ ସୁଦୃଢ କରିବା ଇତ୍ୟାଦି ବିଷୟରେ ବର୍ଣ୍ଣନା କରିଥିଲେ। ଏହି ଦିବସ ଉପଲକ୍ଷେ ହୋଇଥିବା ବକ୍ତୃତା ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀ ଜୁନିୟର ସ୍ତରରେ ଆୟୁସି ବେହେରା ପ୍ରଥମ, ଅଦିତି ପ୍ରିୟଦର୍ଶନୀ ନାୟକ ଦ୍ୱିତୀୟ ଓ ସୃଷ୍ଟି ଦଳାଇ ତୃତୀୟ ଏବଂ ସିନିୟର ସ୍ତରରେ ତପସ୍ୟା ପ୍ରଧାନ ପ୍ରଥମ, ଗାୟତ୍ରୀ ବାରିକ ଦ୍ୱିତୀୟ ଓ ମୋନାଲିସା ମଲ୍ଲିକଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଓଡିଶା ସାଂସ୍କୃତିକ ସମାଜ ଦ୍ୱାରା ପ୍ରକାଶିତ ପୁସ୍ତକ ସ୍କୁଲ ପାଠାଗାରକୁ ଛାତ୍ରୀ ମାନଙ୍କ ପଠନ ପାଇଁ ଦିଆଯାଇଥିଲା। ଶେଷରେ ଶିକ୍ଷୟିତ୍ରୀ କମଳୀନୀ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ବରିଷ୍ଠ ସଭ୍ୟ ଅଶୋକ କୁମାର ମିଶ୍ର ଓ ଶ୍ୟାମ ସୁନ୍ଦର ଅଗ୍ରୱାଲ।

# ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ନିମନ୍ତେ ଯାଜପୁର ଜିଲ୍ଲାରେ ପ୍ରଚାର ରଥ ଗଡିଲା

**ଯାଜପୁର,(ଡିକେ ନ୍ୟୁଜ):** ଯାଜପୁର ଜିଲ୍ଲାରେ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ପାଳନ ନିମନ୍ତେ ଉଦ୍ଦିଷ୍ଟ ପ୍ରଚାର ରଥକୁ ଯାଜପୁରର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଉକ୍ତ ପ୍ରଚାର ରଥ ଯାଜପୁର ଜିଲ୍ଲାର ୧୦ ଗୋଟି ବ୍ଲକରେ ଥିବା ସମସ୍ତ ପଞ୍ଚାୟତ ସମିତିରେ ପରିକ୍ରମା କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପୃଷ୍ଠପୋଷକତାରେ ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫ ଉପଲକ୍ଷେ ଗ୍ରାମ୍ୟ ଜୀବନକୁ ବିକଶିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ମାନ ଯଥା: ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଏକ କୃଷି ସମବାୟ ସମିତି ଗଠନ କରିବା ସହିତ ନବ ଗଠିତ ସମିତି ମାନଙ୍କୁ କାର୍ଯ୍ୟକ୍ଷମ କରିବା ପାଇଁ ୫ ଲକ୍ଷ ଟଙ୍କାର ପ୍ରୋତ୍ସାହନ, ପ୍ୟାକ୍ସ ଗୁଡ଼ିକୁ ବହୁମୁଖୀ କରିବା ପାଇଁ ସେମାନଙ୍କର କାର୍ଯ୍ୟର ପରିସୀମାକୁ ବୃଦ୍ଧି କରିବା ପାଇଁ ଚିରା ଚରିତ କୃଷି ଋଣ ପ୍ରଦାନ ସହିତ ଅନ୍ୟାନ୍ୟ କୃଷିଭିତ୍ତିକ ଆନୁଷଙ୍ଗିକ ବ୍ୟବସାୟ କରିବା ପାଇଁ ପ୍ରୋତ୍ସାହନ ଦେବା। ଜନ ସାଧାରଣଙ୍କୁ ସୁଲଭ ମୂଲ୍ୟରେ ଜୀବନ ରକ୍ଷାକାରୀ ଔଷଧ ଯୋଗାଇ ଦେବା ପାଇଁ ପ୍ୟାକ୍ସମାନଙ୍କରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି କେନ୍ଦ୍ର ଖୋଲିବା ତଥା ଉନ୍ନତ ବିହନ, ସାର, କୀଟନାଶକ ଯୋଗାଇ ଦେବା। ଏକ କୃଷି ସମ୍ପର୍କିତ ଉପଯୋଗୀ ସୂଚନା ତଥା ମାର୍ଗଦର୍ଶନ ପାଇଁ କୃଷି ସମବାୟ ସମିତି ମାନଙ୍କରେ ପ୍ରଧାନମନ୍ତ୍ରୀ କୃଷି ସମୃଦ୍ଧି କେନ୍ଦ୍ର ସ୍ଥାପନ ରାଜ୍ୟରେ ପ୍ରତ୍ୟେକ ଉପଖଣ୍ଡରେ ଅତି କମ୍‌ରେ ଗୋଟିଏ ଲେଖାଏଁ ଆଦର୍ଶ ସେବା ସମବାୟ ସମିତି ଗଠନ, ବିଶ୍ୱର ସର୍ବ ବୃହତ୍ ଶସ୍ୟ ସଂରକ୍ଷଣ ଯୋଜନାରେ ପ୍ରତି ଜିଲ୍ଲାରେ ଅତ୍ୟାଧୁନିକ ଗୋଦାମ ଗୃହ ନିର୍ମାଣ, ଧାନ ସଂଗ୍ରହ ପ୍ରକ୍ରିୟାକୁ ଶୃଙ୍ଖଳ, ସରଳ ତଥା କୃଷକ ଅଭିମୁଖୀ କରିବା ପାଇଁ ଧାନ ସଂଗ୍ରହ କେନ୍ଦ୍ର ମାନଙ୍କରେ ଅତ୍ୟାଧୁନିକ ଯନ୍ତ୍ରପାତି ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଯୋଗାଣ, କିସାନ କ୍ରେଡିଟ କାର୍ଡ ମାଧ୍ୟମରେ ଫସଲ ଋଣର ପରିମାଣ ୩ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କା ବୃଦ୍ଧି, କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ଓ ଭାଗଚାଷୀ ମାନଙ୍କ ଚାଷ କାର୍ଯ୍ୟ ନିମନ୍ତେ ଆନୁଷ୍ଠାନିକ ଋଣ ପ୍ରଦାନ ସୁବିଧା ବ୍ୟବସ୍ଥା କରିବା ପାଇଁ ସମବାୟ ସମିତିରେ ଯୁଗ୍ମଦେୟ ଗୋଷ୍ଠୀ ଗଠନ, ସମବାୟ ବ୍ୟାଙ୍କ୍ ଓ ପ୍ରାଥମିକ କୃଷି ଋଣ ସମବାୟ ସମିତି ମାନଙ୍କ ଦ୍ୱାରା ମଧ୍ୟମ ଓ ଦୀର୍ଘମିଆଦୀ କୃଷି ଋଣ ଯଥା: କ୍ଷୁଦ୍ର ଜଳ ସେଚନ, ଉଦ୍ୟାନ କୃଷି, ଗୋପାଳନ, କୃଷି ଉପକରଣ ଓ ପମ୍ପସେଟ୍ କ୍ରୟ ପାଇଁ ଋଣ ପ୍ରଦାନ ଓ ମହିଳା ସଶକ୍ତିକରଣ ଲକ୍ଷ୍ୟ ନେଇ ପ୍ୟାକ୍ସ୍ ପ୍ରାଥମିକତା ଦେବା ଆଦି ପ୍ରଚାର ପ୍ରସାର କରାଯିବ। ଉକ୍ତ ପ୍ରଚାର ରଥ ଶୁଭ ଉଦ୍‌ଘାଟନ ସମୟରେ ବରିଷ୍ଠ ସରକାରୀ ନିବନ୍ଧକ ଅମୂଲ୍ୟ କୁମାର ସେଠୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଏଆରସିଏସ ଦେବେନ୍ଦ୍ର ନାୟକ, ମନମୋହନ ରାଉତ, ନିବେଦିତା ସାମଲ, ଅତସୀ କୁସୁମମାଳା, ସୁବନିତା ରାୟ, ଅଲେଖ ପ୍ରସାଦ ସାହୁ, ପ୍ରଭାତ କୁସୁମ ବାରିକ, ପ୍ରଶାନ୍ତ କର, ରାଜୀବ ଲୋଚନ ପଣ୍ଡା ଓ କର୍ମଚାରୀ ନାରାୟଣ ସାହୁ ଉପସ୍ଥିତ ଥିଲେ।

## ଅନ୍ତଃବିଶ୍ୱବିଦ୍ୟାଳୟ ହକି ଫଳାଫଳକୁ ନେଇ ବିବାଦ

# ଗୁରୁତର ଅଭିଯୋଗ ଆଣିଲେ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳର ପ୍ରବନ୍ଧକ



ଭୁବନେଶ୍ୱର, ୨୩।୪ (ଡିକେ ନ୍ୟୁଜ୍): କେନ୍ଦୁଝରର ଧରଣୀଧର ମହାବିଦ୍ୟାଳୟ ଆନୁକୂଲ୍ୟରେ ଆୟୋଜିତ ଅନ୍ତଃବିଶ୍ୱବିଦ୍ୟାଳୟ ହକି ପ୍ରତିଯୋଗିତାର ଫଳାଫଳକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି। ଫାଇନାଲରେ ତଞ୍ଚକତା କରି ଉତ୍କଳ ବିଶ୍ୱବିଦ୍ୟାଳୟକୁ ହରାଇ ଦିଆଯାଇଥିବା ଭଳି ଗୁରୁତର ଅଭିଯୋଗ ଏହି ଦଳର ପ୍ରବନ୍ଧକ ଚନ୍ଦ୍ରକାନ୍ତ ମଲ୍ଲିକ ଏକ ପ୍ରେସ୍ ବିଜ୍ଞପ୍ତିରେ ଅଭିଯୋଗ କରିଛନ୍ତି। ଏଣୁ ଅନ୍ତଃବିଶ୍ୱବିଦ୍ୟାଳୟ ହକି ପ୍ରତିଯୋଗିତାର ବିଶ୍ୱସନୀୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀ ମଲ୍ଲିକ ଅଭିଯୋଗ କରିଛନ୍ତି ଯେ ଆୟୋଜକମାନେ ଯୋଜନାବଦ୍ଧ ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଫାଇନାଲରେ ହରାଇ ଦେଇଥିଲେ। ଅନ୍ୟପକ୍ଷରେ ଅନ୍ୟାୟ କରି ଏକତରଫା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଜିତାଇ ଦେଇଥିଲେ। ଗତବର୍ଷ ରେଭେନ୍ସା ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ଅନ୍ତଃବିଶ୍ୱବିଦ୍ୟାଳୟ ହକି ପ୍ରତିଯୋଗିତାର ଫାଇନାଲରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ହରାଇ ଉତ୍କଳ ବିଶ୍ୱବିଦ୍ୟାଳୟ ବିଜେତା ହୋଇଥିବାରୁ ଏବର୍ଷ ତାର ପ୍ରତିଶୋଧ ନେବା ଲାଗି ଏଭଳି କରାଯାଇଥିଲା। ଏହି ବିଶ୍ୱବିଦ୍ୟାଳୟର ଅଧିକାରୀମାନେ ଆୟୋଜକଙ୍କ ସହ ମିଶି ଉତ୍କଳ ବିଶ୍ୱବିଦ୍ୟାଳୟକୁ ହରାଇବାର ମସୁଧା ପୂର୍ବରୁ କରିଥିଲେ। ସେଥିପାଇଁ ରେଫରି ଉତ୍କଳ ବିଶ୍ୱବିଦ୍ୟାଳୟର ଦୁଇଟି ଗୋଲକୁ ଫାଉଲ୍ ଦେଇ ନାକଚ କରି ଦେଇଥିଲେ। ଫଳରେ ଏହାକୁ ନେଇ ପଡ଼ିଆ ଭିତରେ ଚୁକ୍ତିତର୍କ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଘଟଣାକୁ ଆଳ କରି ମ୍ୟାଚ୍ ପରିଚାଳନା ଦାୟିତ୍ୱରେ ଥିବା କିଛି ଅଧିକାରୀ ଉତ୍କଳକୁ ତୃତୀୟ ସ୍ଥାନକୁ ଖସାଇ ଦେବାକୁ ତାଗିଦ କରି ଆମ ଖେଳାଳିଙ୍କ ମନୋବଳ ଭାଙ୍ଗି ଦେଇଥିଲେ। ଏପରିକି ଫାଇନାଲ୍ ଚାଲିଥିଲା ବେଳେ ଆମର କିଛି ଖେଳାଳିଙ୍କୁ ପଡ଼ିଆ ଭିତରେ ଧମକ ଚମକ ମଧ୍ୟ ଦିଆଯାଇଥିଲା। ଏଭଳି ଅନ୍ୟାୟକୁ ବିରୋଧ କରି ଉତ୍କଳ ବିଶ୍ୱବିଦ୍ୟାଳୟ ଖେଳାଳିମାନେ ଆଉ ମ୍ୟାଚ୍ ଜାରି ରଖିବାକୁ ରାଜି ହୋଇ ନଥିଲେ। ଫଳରେ ତୃତୀୟ କ୍ୱାର୍ଟରରେ ମ୍ୟାଚ୍ ବନ୍ଦ ହୋଇଯିବା ସହ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ବିଜେତା ଘୋଷିତ କରାଯାଇଥିଲା। ବିନା ଦୋଷରେ ଉତ୍କଳକୁ ଉପବିଜେତାରେ ସନ୍ତୁଷ୍ଟ ହେବାକୁ ପଡ଼ିଲା। ସବୁଠାରୁ ବିଡ଼ମ୍ବନାର ବିଷୟ ହେଉଛି ସମ୍ବଲପୁର ବିଶ୍ୱବିଦ୍ୟାଳୟ ଫାଇନାଲ୍ ଖେଳୁଥିଲା ବେଳେ ଆଶ୍ଚର୍ଯ୍ୟଜନକ ଭାବେ ଫାଇନାଲ୍ ପରିଚାଳନା ଦାୟିତ୍ୱରେ ଏହି ବିଶ୍ୱବିଦ୍ୟାଳୟର ଅଧିକାଂଶ ଅଧିକାରୀ ରହିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ହକି ଦଳର ପୃଷ୍ଠପୋଷକ ତଥା ଦଳର ପ୍ରବନ୍ଧକ, ପ୍ରଶିକ୍ଷକ ଏସ୍ଏନ୍ ରାଉତଙ୍କୁ ପ୍ରତିଯୋଗିତାର ମୁଖ୍ୟ ବୈଷୟିକ ନିର୍ଦ୍ଦେଶକ କରାଯାଇଥିଲା। ଏଥିନେଇ ଆମେ ରେଫରିଙ୍କ ନିକଟରେ ଆନୁଷ୍ଠାନିକ ପ୍ରତିବାଦ କରିଥିଲୁ। ହେଲେ ଏହାକୁ କୌଣସି ଗୁରୁତ୍ୱ ଦିଆଯାଇ ନଥିଲା। ସେହିଭଳି ଫାଇନାଲ୍ ବେଳେ ନିୟମ ଅନୁସାରେ ଡିଡି ମହାବିଦ୍ୟାଳୟ କ୍ରୀଡ଼ା ବିଭାଗର କୌଣସି ଅଧିକାରୀ ଉପସ୍ଥିତ ନଥିଲେ। ଏଣୁ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅଧିକାରୀମାନେ ଯାହା ଚାହୁଁଥିଲେ କରୁଥିଲେ ବୋଲି ଅଭିଯୋଗ କରିଛନ୍ତି ଶ୍ରୀ ମଲ୍ଲିକ। କେବଳ ସେତିକି ନୁହେଁ ଉତ୍କଳ ବିଶ୍ୱବିଦ୍ୟାଳୟ ହକି ଦଳର ଖେଳାଳିଙ୍କୁ ଜଣେ ଅଧିକାରୀ ଗତ ତିନି ବର୍ଷ ହେବ ହଇରାଣ କରି ଆସୁଛନ୍ତି। ସେମାନଙ୍କୁ ସର୍ବଭାରତୀୟ ପ୍ରତିଯୋଗିତାରେ ଖେଳିବାରୁ ଅଟକାଇବାରୁ ଏଭଳି କାମ କରୁଛନ୍ତି। ଏହି ପାତରଅନ୍ତର ଓ ମନମୁଖୀ କାର୍ଯ୍ୟର ତଦନ୍ତ ଦାବି କରିଛନ୍ତି ସେୟ ଅନ୍ୟପକ୍ଷରେ ଡିଡି ବିଶ୍ୱବିଦ୍ୟାଳୟର ଲୋକସଂପର୍କ ଅଧିକାରୀ ସୁମନ୍ତ ନାୟକ କହିଛନ୍ତି ଯେ ଫାଇନାଲରେ ବିବାଦ ସୃଷ୍ଟି ହୋଇଥିବା ବିଷୟ ମୁଁ ଜାଣିଛି। ମ୍ୟାଚ୍ ବେଳେ କିଛି କଥାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳ ଖେଳ ଜାରି ରଖିବାକୁ ରାଜି ହୋଇ ନଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସେତେବେଳେ ୧-୦ରେ ଆଗୁଆ ଥିବାରୁ ରେଫରି ସେମାନଙ୍କୁ ବିଜେତା ଘୋଷଣା କରିଥିଲେ। ଏହି ବିଷୟରେ କିନ୍ତୁ ମୁଁ ଅଧିକ କିଛି କହିପାରିବିନି। ବୁଝାବୁଝି କରିବା ପରେ ଯାଇ ଯାହା କିଛି କହିପାରିବି।

# ପଡ଼ିଆ ମଝିରେ ୱିକେଟ କିପରଙ୍କୁ ଚାପୁଡା ମାରିଲେ ବୋଲର



ଇସଲାମାବାଦ, ୨୩।୪ (ହି.ସ): ପାକିସ୍ତାନ ସୁପର ଲିଗ ବା ପିଏସ୍ଏଲ ଆରମ୍ଭ ହେବା ଦିନଠାରୁ, କିଛି ବିବାଦ ଏବଂ ଘଟଣା ଘଟିଛି ଯାହା କ୍ରିକେଟକୁ ବାରମ୍ବାର ହସର ଖୋରାକ ଦେଇଥାଏ। ମ୍ୟାଚ ମଝିରେ ଲାଇଟ ଲିଭିଯିବା, ଅମ୍ପାୟାରଙ୍କ ସହ ଖେଳାଳିଙ୍କ ଝଗଡ଼ା ହେବା କିମ୍ବା ଡ୍ରେସିଂ ରୁମ ଭିତରର ଜିନିଷ ବାହାରକୁ ଆସିବା। ଏବେ ଏକ ନୂଆ ମାମଲା ସାମ୍ନାକୁ ଆସିଛି ଯାହା ଆପଣଙ୍କୁ ଆଶ୍ଚର୍ଯ୍ୟ କରିବ ଏବଂ ଆପଣଙ୍କୁ ହସ ମଧ୍ୟ କରିବ। ଆଇପିଏଲରେ ହରଭଜନ ସିଂହ ଏବଂ ଏସ.ଶ୍ରୀସନ୍ଥଙ୍କ ମଧ୍ୟରେ ହୋଇଥିବା 'ଚାପୁଡ଼ା ଘଟଣା' ପ୍ରାୟ ସମସ୍ତଙ୍କର ମନେ ଥିବ। ଏହି ଘଟଣାଟି ସେତେବେଳେ ବହୁତ ଚର୍ଚ୍ଚାକୁ ଆସିଥିଲା। ଏବେ ସୀମା ଆରପାରିରେ ସମାନ ଏକ ଘଟଣା ଘଟିଛି। ପାକିସ୍ତାନ ସୁପର ଲିଗ ବା ପିଏସ୍ଏଲର ଏକ ମ୍ୟାଚରେ ଜଣେ ଖେଳାଳି ଅନ୍ୟ ଜଣେ ଖେଳାଳିଙ୍କୁ ଚାପୁଡ଼ା ମାରିଥିଲେ, ଯାହାର ଭିଡିଓ ଦ୍ରୁତ ଗତିରେ ଭାଇରାଲ ହେବାରେ ଲାଗିଛି। ୨୨ ଏପ୍ରିଲରେ ପାକିସ୍ତାନ ସୁପର ଲିଗରେ ମୁଲତାନ ସୁଲତାନ ଏବଂ ଲାହୋର କଲନ୍ଦର୍ସ ମଧ୍ୟରେ ଏକ ମ୍ୟାଚ ଚାଲିଥିଲା। ଥରେ ମ୍ୟାଚ ମଝିରେ ଏକ 'ଚାପୁଡ଼ା ଘଟଣା' ଘଟିଥିଲା। ଯଦିଓ ଖେଳାଳି ଜଣକ ଜାଣିଶୁଣି ଏହା କରି ନଥିଲେ, କିନ୍ତୁ ଭୁଲ ଏପରି ଥିଲା ଯେ ମୁଲତାନ ସୁଲତାନର ଦୁଇ ଖେଳାଳି ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲେ। ଏହି ଦୁଇ ଖେଳାଳି ହେଉଛନ୍ତି ଓବୈଦ ଶାହ ଏବଂ ଉସମାନ ଖାନ। ଲାହୋର କଲନ୍ଦର୍ସ ଇନିଂସର ୧୫ତମ ଓଭରର ଶେଷ ବଲରେ ଓବୈଦ ଶାହ ସାମ ବିଲିଙ୍ଗସଙ୍କ ୱିକେଟ ନେଇଥିଲେ। ଖୁସି ମନାଇବା ପାଇଁ, ଓବୈଦ ଶାହ ୱିକେଟ କିପର ଉସମାନ ଖାନଙ୍କୁ ହାଇ-ଫାଇଭ ଦେବାକୁ ଯାଇଥିଲେ। କିନ୍ତୁ ସେ ତାକୁ ଠିକ ଭାବରେ ବିଚାର କରିପାରିଲେ ନାହିଁ ଏବଂ ସେ ସିଧା ତାକୁ ଚାପୁଡ଼ା ମାରିଲେ। ଏହି ଘଟଣାରେ ଉସମାନ ଖାନଙ୍କୁ ସାମାନ୍ୟ ଆଘାତ ଲାଗିଥିଲା ଏବଂ ସେ ତଳେ ପଡ଼ିଯାଇଥିଲେ। ତଥାପି, ଆଘାତ ପରେ ମଧ୍ୟ, ଉସମାନ ଶାହ ଖେଳିବା ବନ୍ଦ କରିନଥିଲେ ଏବଂ ୱିକେଟକିପିଂ ଜାରି ରଖିଥିଲେ। ସେହି ଘଟଣା ପରେ ସେ ମ୍ୟାଚରେ ଏକ କ୍ୟାଚ ମଧ୍ୟ ନେଇଥିଲେ। ଓବୈଦ ଶାହଙ୍କ ବିଷୟରେ କହିବାକୁ ଗଲେ, ସେ ମ୍ୟାଚରେ ୪ ଓଭରରେ ୩୭ରନ ଦେଇ ୩ଟି ୱିକେଟ ନେଇଥିଲେ, ଯେଉଁଥିରେ ସାମ ବିଲିଙ୍ଗସ ତାଙ୍କର ଶେଷ ଶିକାର ହୋଇଥିଲେ।

# ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଆଇପିଏଲରେ ପରିବର୍ତ୍ତନ



ନୂଆଦିଲ୍ଲୀ, ୨୩।୪ (ହି.ସ): ପହଲଗାମରେ ହୋଇଥିବା ଆତଙ୍କୀ ଆକ୍ରମଣ ପରେ ବିସିସିଆଇ ବଡ଼ ନିଷ୍ପତ୍ତି ନେଇଛି। ଆଇପିଏଲରେ ଦୁଇଟି ଜିନିଷରେ ବ୍ୟାନ ଲଗାଇବା ସହିତ ୪ ବଡ଼ ନିଷ୍ପତ୍ତି ନେଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ନେଇଥିବା ପଦକ୍ଷେପ ବୁଧବାର ହେବାକୁଥିବା ଆଇପିଏଲ ମ୍ୟାଚରେ ଦେଖିବାକୁ ମିଳିବ। ପହଲଗାମ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ମୁମ୍ବାଇ ଓ ହାଇଦ୍ରାବାଦ ମ୍ୟାଚରେ କଳାପଟି ପିନ୍ଧି ଖେଳିବେ ଖେଳାଳି। ପହଲଗାମ ଭୟଙ୍କର ଆକ୍ରମଣ ପରେ ବିସିସିଆଇ ସୋସିଆଲ ମଡିଆ ଏକ୍ସରେ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛି। ଏହା ସହିତ ବଡ଼ ନିଷ୍ପତ୍ତି ନେଇଛି ବିସିସିଆଇ। ମୁମ୍ବାଇ ଓ ହାଇଦ୍ରାବାଦ ମ୍ୟାଚରେ କଳାପଟି ପିନ୍ଧି ଖେଳିବେ ପ୍ଲେୟାର। ଏହା ସହିତ ଚିୟରଗର୍ଲ ଓ ବାଣ ଫୁଟାଇବା ପରେ ବ୍ୟାନ ହୋଇଛି। ପହଲଗାମ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ଏପରି ନିଷ୍ପତ୍ତି ନେଇଛି ବିସିସିଆଇ। ତେବେ ଜମ୍ମୁ କାଶ୍ମୀରର ପହଲଗାମରେ ଥିବା ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀରେ ମଙ୍ଗଳବାର ରକ୍ତର ହୋଲି ଖେଳିଥିଲେ ଆତଙ୍କବାଦୀ। ସେନା ପୋଷାକ ପିନ୍ଧି ଧର୍ମ ପଚାରିଥିଲେ ଆଉ ତାହା ପରେ ହିନ୍ଦୁ ପର୍ଯ୍ୟଟକଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇଥିଲେ ରାକ୍ଷସ। ଏଥିରେ ୨୮ ଜଣଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ସେପଟେ କେନ୍ଦ୍ରଗୃହମନ୍ତ୍ରୀ ଅମିତ ଶାହ ଗ୍ରାଉଣ୍ଡରେ ସ୍ଥିତି ସମୀକ୍ଷା କରିଛନ୍ତି। ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ପୀଡ଼ିତଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

# ୱିସଡେନ୍ ପୁରସ୍କାର, ବୁମରା-ମନ୍ଧନା ବିଶ୍ୱରେ ଶ୍ରେଷ୍ଠ ଖେଳାଳି



ନୂଆଦିଲ୍ଲୀ, ୨୩।୪ (ହି.ସ): କ୍ରିକେଟର ବାଇବେଲ ଭାବେ ପରିଚିତ 'ୱିସଡେନ୍ କ୍ରିକେଟର୍ସ ଆଲମ୍ନାକ' ପତ୍ରିକାର ୨୦୨୪ ସଂସ୍କରଣ ପ୍ରକାଶିତ ହୋଇଛି। ପୁରୁଷରେ ଭାରତର ପ୍ରମୁଖ ଫାଷ୍ଟ ବୋଲର ଯଶପ୍ରୀତ ବୁମରା ଏବଂ ମହିଳାରେ ଓପନିଂ ବ୍ୟାଟର ସ୍ମୃତି ମନ୍ଧନା ବିଶ୍ୱର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି। ସେହିପରି ୱେଷ୍ଟଇଣ୍ଡିଜର ନିକୋଲାସ ପୂରନ ଶ୍ରେଷ୍ଠ ଟି-ଟ୍ୱେଣ୍ଟି ଖେଳାଳି ପୁରସ୍କାର ମିଳିଛି। ୨୦୨୪ରେ ବୁମରାଙ୍କ ପ୍ରଦର୍ଶନ ବେଶ୍ ପ୍ରଶଂସନୀୟ ରହିଥିଲା। ସେ ଟେଷ୍ଟରେ ପ୍ରଥମ ବୋଲର ଭାବେ ୨୦ରୁ କମ୍ ଆଭରେଜରେ ୨୦୦ ୱିକେଟ୍ ନେବାରେ ସଫଳ ହୋଇଥିଲେ। ଗତ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜରେ ସେ ୫ଟି ମ୍ୟାଚ୍ ଖେଳି ୧୩.୦୬ ଆଭରେଜରେ ୩୨ଟି ୱିକେଟ୍ ନେବାରେ ସଫଳ ହୋଇଥିଲେ। ବୁମରା ଟେଷ୍ଟରେ ୪୫ଟି ମ୍ୟାଚ୍ ଖେଳି ୨୦୫ଟି ୱିକେଟ୍ ନେଇଥିବା ବେଳେ ୮୯ଟି ଦିନିକିଆରୁ ୧୪୯ଟି ଏବଂ ୭୦ଟି ଟି-ଟ୍ୱେଣ୍ଟିରୁ ୮୯ଟି ୱିକେଟ୍ ଅକ୍ତିଆର କରି ସାରିଛନ୍ତି। ଅନ୍ୟ ପଟରେ ମନ୍ଧନା ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୩ଟି ଯାକ ଫର୍ମାଟରେ ମୋଟ ୧୬୫୯ରନ୍ ସଂଗ୍ରହ କରିବା ସହ ଏକ ରେକର୍ଡ଼ ସ୍ଥାପନ କରିଥିଲେ। ଦିନିକିଆରେ ସେ ୪ଟି ଶତକ ଏବଂ ଟେଷ୍ଟରେ ଗୋଟିଏ ଶତକ ଅର୍ଜନ କରିଥିଲେ। ଗତ ବର୍ଷ ଜୁନ୍ ମାସରେ ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଏକ ଟେଷ୍ଟରେ ମନ୍ଧନା ୧୪୯ରନର ଜବରଦସ୍ତ ଇନିଂସ୍ ଖେଳିଥିଲେ। ସେହିପରି ପୂରନ ଗତ ବର୍ଷ ୨୧ଟି ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳି ୧୪୨.୩୩ ଷ୍ଟ୍ରାଇକ ରେଟରେ ମୋଟ ୪୬୪ ରନ୍ ସଂଗ୍ରହ କରିଥିଲେ।

# ମୁଁ ମୋ ମର୍ଯ୍ୟାଦା ଭୁଲିଗଲି, କ୍ଷମା କରିଦିଅନ୍ତୁ: ଅନୁରାଗ କଶ୍ୟପ



ମୁମ୍ବାଇ, ୨୩।୪ (ହି.ସ): ଚଳଚ୍ଚିତ୍ର ନିର୍ମାତା-ଅଭିନେତା ଅନୁରାଗ କଶ୍ୟପ ଏବେ ବିବାଦରେ ଅଛନ୍ତି। ନିକଟରେ ସେ ବ୍ରାହ୍ମଣ ସମ୍ପ୍ରଦାୟ ବିଷୟରେ କିଛି ମନ୍ତବ୍ୟ ଦେଇଥିଲେ, ଯାହା ପରେ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଥିଲା। ଏବେ ଅନୁରାଗ କଶ୍ୟପ କ୍ଷମା ମାଗିଛନ୍ତି। ସେ ସୋସିଆଲ ମିଡିଆରେ ଏକ ଲମ୍ବା ପୋଷ୍ଟ ଲେଖି କ୍ଷମା ମାଗିଥିବା ଦେଖାଯାଇଛି। ଅନୁରାଗ କଶ୍ୟପ ଲେଖିଛନ୍ତି, 'କ୍ରୋଧରେ କାହାକୁ ଉତ୍ତର ଦେବା ସମୟରେ ମୁଁ ମୋର ମର୍ଯ୍ୟାଦା ଭୁଲିଗଲି ଏବଂ ସମଗ୍ର ବ୍ରାହ୍ମଣ ସମାଜକୁ ଅପମାନିତ କଲି। ସେହି ସମାଜ, ଯେଉଁ ସମାଜର ଅନେକ ଲୋକ ମୋ ଜୀବନ ସହ ଜଡ଼ିତ ଅଛନ୍ତି। ଆଜି ସେମାନେ ସମସ୍ତେ ମୋ ଦ୍ୱାରା ଆଘାତ ପାଇଛନ୍ତି। ମୁଁ ଯେଉଁଭଳି ଭାବରେ କ୍ରୋଧରେ ସେ ସବୁ କହିଥିଲି, ତାହା ଦ୍ୱାରା ମୁଁ ସମ୍ମାନ କରୁଥିବା ଅନେକ ବୁଦ୍ଧିଜୀବୀ ଆଘାତ ପାଇଛନ୍ତି। ଅନୁରାଗ ଆହୁରି ଲେଖିଛନ୍ତି, 'ମୁଁ ହୃଦୟର ଗଭୀରତାରୁ କ୍ଷମା ପ୍ରାର୍ଥନା କରୁଛି। ମୁଁ ବ୍ରାହ୍ମଣ ସମାଜକୁ ଏହା କହିବାକୁ ଚାହୁଁ ନଥିଲି। କିନ୍ତୁ କାହାର ଖରାପ ମନ୍ତବ୍ୟର ଜବାବ ଦେବା ସମୟରେ କ୍ରୋଧରେ ମୁଁ ଏହା ଲେଖିଥିଲି। ଏଥିପାଇଁ ମୁଁ ଦୁଃଖିତ। ମୋର ସମସ୍ତ ସହକର୍ମୀ ବନ୍ଧୁଙ୍କଠାରୁ, ମୋ ପରିବାରଠାରୁ ଏବଂ ବ୍ରାହ୍ମଣ ସମ୍ପ୍ରଦାୟଠାରୁ ମୋର ମନ୍ତବ୍ୟ ଏବଂ ଅପମାନଜନକ ଭାଷା ବ୍ୟବହାର ପାଇଁ କ୍ଷମା ମାଗୁଛି। ଏହା ଯେମିତି ଆଗକୁ ନ ଘଟେ ସେଥିପ୍ରତି ମୁଁ ଧ୍ୟାନ ଦେବି। ମୁଁ ମୋର କ୍ରୋଧ ଉପରେ କାମ କରିବି। ଯଦି ମୋତେ କୌଣସି ସମସ୍ୟା ବିଷୟରେ କହିବାକୁ ପଡ଼େ, ମୁଁ ସଠିକ୍ ଶବ୍ଦ ବ୍ୟବହାର କରିବି। ମୁଁ ଆଶା କରୁଛି ଆପଣମାନେ ମୋତେ କ୍ଷମା କରିବେ।' ଉଲ୍ଲେଖଯୋଗ୍ୟ, ନିକଟରେ 'ଫୁଲେ' ନାମକ ଏକ ଚଳଚ୍ଚିତ୍ର ମୁକ୍ତିଲାଭ କରିବାର ଥିଲା। କିନ୍ତୁ ଏହି ଫିଲ୍ମଟି ଜାତିଭେଦକୁ ପ୍ରୋତ୍ସାହିତ କରୁଥିବାରୁ ମୁକ୍ତିଲାଭ କରିପାରିଲା ନାହିଁ। ପ୍ରତୀକ ଗାନ୍ଧୀ ଏବଂ ପତ୍ରଲେଖା ଅଭିନୀତ ଏହି ସିନେମାଟିର ବିଷୟବସ୍ତୁ ଉପରେ ବ୍ରାହ୍ମଣମାନେ ଆପତ୍ତି କରି ଏହା ଜାତିଭେଦକୁ ପ୍ରୋତ୍ସାହିତ କରୁଥିବା ଦାବି କରିଥିଲେ। ଏହା ପରେ, ଅନୁରାଗ କଶ୍ୟପ ସେନ୍ସର ବୋର୍ଡ ଏବଂ ବ୍ରାହ୍ମଣ ସମ୍ପ୍ରଦାୟ ସମ୍ପର୍କରେ ସୋସିଆଲ ମିଡିଆରେ ଅନେକ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ସେ ଲେଖିଥିଲେ, 'ଧଡକ-୨'ର ପ୍ରଦର୍ଶନ ସମୟରେ ସେନ୍ସର ବୋର୍ଡ କହିଥିଲେ ଯେ, ମୋଦିଜୀ ଭାରତରୁ ଜାତିଭେଦକୁ ସମାପ୍ତ କରିଦେଇଛନ୍ତି। ସେଥିପାଇଁ ସନ୍ତୋଷ ମଧ୍ୟ ଭାରତରେ ମୁକ୍ତିଲାଭ କରିନଥିଲା। ଏବେ ବ୍ରାହ୍ମଣଙ୍କର ଫିଲ୍ମ 'ଫୁଲେ'କୁ ନେଇ ସମସ୍ୟା ଅଛି। ଯଦି ଜାତିଭେଦ ନାହିଁ, ତେବେ ବ୍ରାହ୍ମଣ କିଏ? ତୁମେ କାହିଁକି ଏତେ କ୍ରୋଧରେ ଜଳୁଛ?

## ପହଲଗାମ ଆତଙ୍କୀ ହମଲାରେ ଅକ୍ଷୟ କୁମାର ଓ ସଞ୍ଜୟ ଦତ୍ତ ସ୍ତବ୍ଧ

# ଆମକୁ ଜବାବୀ କାର୍ଯ୍ୟାନୁଷ୍ଠାନ ନେବାକୁ ହେବ



ମୁମ୍ବାଇ, ୨୩।୪ (ହି.ସ): ଜମ୍ମୁ-କାଶ୍ମୀରର ପର୍ଯ୍ୟଟନ ସ୍ଥଳ ପହଲଗାମରେ ମଙ୍ଗଳବାର ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଉପରେ ଫାୟାରିଂ କରିଦେଇଛନ୍ତି। ହମଲାରେ ୨୪ ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ସେପଟେ ଅନେକ ଲୋକ ଆହତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଘଟଣାର କଡ଼ା ନିନ୍ଦା କରି ଦେଶବାଶୀଙ୍କୁ ଭରସା ଦେଇଛନ୍ତି ଯେ ଆତଙ୍କୀଙ୍କୁ ଛଡା ଯିବ ନାହିଁ। ଅନ୍ୟପଟେ ସେଲିବ୍ରେଟିମାନେ ଏହି ଘଟଣା ବିଷୟରେ ଶୁଣି ସ୍ତବ୍ଧ ହୋଇଛନ୍ତି। ସୋନୁ ସୁଦ୍ ଓ ଅକ୍ଷୟ କୁମାର ସୋସିଆଲ ମିଡ଼ିଆରେ ପୋଷ୍ଟ ସେୟାର କରି ଏହି ହମଲାର ସମାଲୋଚନା କରିଛନ୍ତି। ସୋନୁ ସୁଦ୍ ଲେଖିଛନ୍ତି, କାଶ୍ମୀରର ପହଲଗାମରେ ନିର୍ଦ୍ଦୋଷ ପର୍ଯ୍ୟଟକଙ୍କ ଉପରେ ଭୀରୁତାପୂର୍ଣ୍ଣ ଆତଙ୍କବାଦୀ ହମଲାର କଡ଼ା ନିନ୍ଦା କରୁଛି। ସଭ୍ୟ ଦୁନିଆରେ ଆତଙ୍କବାଦ ପାଇଁ କୌଣସି ସ୍ଥାନ ରହିବା ଉଚିତ ନୁହେଁ ଏବଂ ଏହି ଭୀରୁତାପୂର୍ଣ୍ଣ କାର୍ଯ୍ୟ ଅସ୍ୱୀକାର୍ଯ୍ୟ। ଯେଉଁ ପରିବାରମାନେ ନିଜର ପ୍ରିୟଜନଙ୍କୁ ହରାଇଛନ୍ତି, ତାଙ୍କ ପ୍ରତି ମୋର ଗଭୀର ସମ୍ବେଦନା ଓ ଯିଏ ଆହତ ହୋଇଛନ୍ତି ତାଙ୍କର ଶୀଘ୍ର ସୁସ୍ଥ ହେବାକୁ ପ୍ରାର୍ଥନା କରୁଛି। ଓମ୍ ସାଇଁ ରାମ୍। ଅକ୍ଷୟ କୁମାର ଲେଖିଛନ୍ତି, ପହଲଗାମରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କୀ ହମଲାର ଖବର ଶୁଣି ସ୍ତବ୍ଧ। ଏହିପରି ନିର୍ଦ୍ଦୋଷ ଲୋକଙ୍କ ହତ୍ୟା କରିବା ଜଘନ୍ୟ ପାପ। ସେମାନଙ୍କ ପରିବାର ପାଇଁ ପ୍ରାର୍ଥନା କରୁଛି। ସଞ୍ଜୟ ଦତ୍ତ ଲେଖିଛନ୍ତି, ସେ ଆମ ଲୋକଙ୍କୁ ଖୁବ୍ ନିର୍ମମ ଭାବେ ମାରିଛନ୍ତି। ତାଙ୍କୁ କ୍ଷମା କରାଯାଇ ପାରିବ ନାହିଁ। ଏହି ଆତଙ୍କବାଦୀମାନେ ଜାଣିବା ଉଚିତ କି ଆମେ ଚୁପ୍ ବସିବୁ ନାହିଁ। ଆମେ ଜବାବୀ କାର୍ଯ୍ୟାନୁଷ୍ଠାନ ନେବାକୁ ହେବ, ମୁଁ ଆମର ପ୍ରଧାନମନ୍ତ୍ରୀ ଜୀ, ଗୃହମନ୍ତ୍ରୀ ଜୀ ଓ ପ୍ରତିରକ୍ଷା ମନ୍ତ୍ରୀଜୀଙ୍କୁ ଅନୁରୋଧ କରୁଛି କି ତାଙ୍କୁ ସେହି ସଜା ଦିଆଯାଉ, ଯାହାର ସେ ହକଦାର। ଅନୁପମ ଖେର ଭିଡ଼ିଓ ସେୟାର କରି ଲେଖିଛନ୍ତି, ଭୁଲ ...ଭୁଲ ...ଭୁଲ୍...!!! ପହଲଗାମ ହତ୍ୟାକାଣ୍ଡ!! ଶବ୍ଦ ଆଜି ନପୁଂସକ!! ବିବେକ ରଞ୍ଜନ ଅଗ୍ନିହୋତ୍ରୀ ଲେଖିଛନ୍ତି, ହେ ଭଗବାନ! ହେ ଭଗବାନ! ହେ ଭଗବାନ! ଏବେ ଚିକାଗୋରେ ଲ୍ୟାଣ୍ଡ ହୋଇଛି ଏବଂ ଏହି ଅମାନବୀୟ ଦୁଃଖଦ ଘଟଣା ବିଷୟରେ ଜଣାପଡ଼ିଛି। ମୋତେ ଏହି କଥାର ଭୟ ବହୁତ ଦିନରୁ ଥିଲା। ମୁଁ ସବୁବେଳେ କହି ଆସୁଛି କି କାଶ୍ମୀରରେ ଶାନ୍ତି ନଥିଲା, ଏହା ଏକ ରଣନୀତିକ ନିରବତା ଥିଲା। ମୁଁ @AmitShah ଜୀଙ୍କୁ ଅନୁରୋଧ କରୁଛୁ କି ସେ କାଶ୍ମୀର ଓ ବଙ୍ଗଳା ଉଭୟର ତୁରନ୍ତ ସୁରକ୍ଷିତ କରନ୍ତୁ, ଏହା ପୂର୍ବରୁ କି ଆଉ କୌଣସି ଦୁଃଖକ ଘଟଣା ସାମ୍ନାକୁ ନଆସୁ।













କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik

Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com

Phone-0674-2975387
Mob: 9090962011

ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik